୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27 . No.26 Bhubaneswar Monday March 3 2025 | ୨୭ତମ ବର୍ଷ ସଂଖ୍ୟା–୨୬ ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ପୁତୁରାଙ୍କୁ ପୁଣି ବିଦା କଲେ ମାୟାବତୀ, ଉଭୟ ଆକାଶ ଓ ବିଏସ୍‌ପିର ଭବିଷ୍ୟତକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ



ଭୁବନେଶ୍ୱର, ୨ ।୩(ପି.ଏନ): ବହୁଜନ ସମାଜ ପାର୍ଟି (ବିଏସ୍ ?ପି) ମୁଖ୍ୟ ମାୟାବତୀ ଆଜି ଏକ ବଡ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ଦଳର ଜାତୀୟ ସଂଯୋଜକ ପଦବରୁ ବିଦା କରିଛନ୍ତି। ଗୋଟିଏ ବର୍ଷ ଭିତରେ ଦ୍ୱିତୀୟ ଥର ପାଇଁ ଆକାଶ ଆନନ୍ଦ ଏହି ପଦରୁ ବିଦା ହୋଇଛନ୍ତି । ଆକାଶ ଆନନ୍ଦଙ୍କ ବଦଳରେ ତାଙ୍କ ବାପା ଆନନ୍ଦ କୁମାର ଓ ବରିଷ୍ଠ ନେତା ରାମଜୀ ଗୌତମଙ୍କୁ ଦଳର ଜାତୀୟ ସଂଯୋଜକ କରିଛନ୍ତି ମାୟାବତୀ। ବିଏସ୍ ?ପି ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜରୁ ଜଣାପଡିଛି ଯେ ଜାତୀୟ ସଂଯୋଜକ ସହିତ ଦଳର ଅନ୍ୟାନ୍ୟ ପଦପଦବୀରୁ ଆକାଶ ଆନନ୍ଦଙ୍କୁ ବିଦା କରାଯାଇଛି। ଫଳରେ ତାଙ୍କର ରାଜନୀତିକ ଭବିଷ୍ୟତକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଆଜି ଲକ୍ଷ୍ନୌରେ ମାୟାବତୀଙ୍କ ଅଧ୍ୟକ୍ଷତାରେ ବିଏସ୍ ?ପିର ଏକ ବୈଠକ ବସିଥିଲା। ଏଥିରେ ଦେଶର ବିଭିନ୍ନ ଭାଗରୁ ଦଳର ନେତାମାନେ ଯୋଗ ଦେଇଥିଲେ। ଏଥିରେ ଦଳର ରଣକୌଶଳ ସଂପର୍କରେ ଆଲୋଚ଼ନା କରାଯାଇଥିଲା। ତା' ସହିତ ଆକାଶ ଆନନ୍ଦଙ୍କୁ ସବୁ ପଦପଦବୀରୁ ବାହାର କରିବାକୁ ନିଷ୍ପତ୍ତି ନେଇଥିଲେ ମାୟାବତୀ।ଆକାଶ ଆନନ୍ଦ ଦିଲ୍ଲୀ ଓ ନୋଏଡାରେ ସ୍ନାତକ ପର୍ଯ୍ୟନ୍ତ ପାଠପଢ଼ା ଶେଷ କରିବା ପରେ ୟୁକେରେ ଏମ୍ ?ବିଏ କରିଥିଲେ। ତାଙ୍କୁ ବିଏସ୍ ?ପିର ଭବିଷ୍ୟତ ତଥା ମାୟାବତୀଙ୍କ ଉତ୍ତରାଧିକାରୀ ଭାବେ ଦେଖାଯାଉଥିଲା। ୨୦୧୯ ଲୋକସଭା ନିର୍ବାଚ଼ନ ପୂର୍ବରୁ ତାଙ୍କୁ ରାଜନୀତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ୨୦୨୩ ଶେଷ ଆଡକୁ ତାଙ୍କୁ ଦଳର ଜାତୀୟ ସଂଯୋଜକ କରିଥିଲେ ମାୟାବତୀ। ଏହା ସହିତ ଆନୁଷ୍ଠାନିକ ଭାବେ ଆକାଶ ଆନନ୍ଦଙ୍କୁ ଦଳର ଦ୍ୱିତୀୟ ବଡ ନେତା ଘୋଷଣା କରିଥିଲେ ମାୟାବତୀ। କିନ୍ତୁ ଗତ ବର୍ଷ (୨୦୨୪) ଲୋକସଭା ନିର୍ବାଚ଼ନର କିଛି ଦିନ ପୂର୍ବରୁ ମାୟାବତୀ ତାଙ୍କୁ ସେହି ପଦରୁ ହଟାଇ ଦେଇଥିଲେ। ଆକାଶ ଆନନ୍ଦଙ୍କଠାରେ ରାଜନୀତିକ ପରିପକ୍ୱତାର ଅଭାବ ଦର୍ଶାଇ ଏହି ପଦକ୍ଷେପ ନେଇଥିଲେ ବିଏସ୍ ?ପି ସୁପ୍ରିମୋ। ଏହା ସହିତ ଆକାଶଙ୍କ ବାପା ଆନନ୍ଦ କୁମାରଙ୍କୁ କରାଯାଇଥିଲା ଦଳର ଜାତୀୟ ସଂଯୋଜକ। ଲୋକସଭା ନିର୍ବାଚ଼ନରେ ମାଟି କାମୁଡିଲା ବିଏସ୍ ?ପି। ଦଳ ଗୋଟିଏ ବି ଆସନ ଜିତି ପାରିଲା ନାହିଁ। ଏହା ପରେ ମାୟାବତୀ ପୁଣି ପୁତୁରା ଆକାଶ ଆନନ୍ଦଙ୍କୁ ଦଳର ଜାତୀୟ ସଂଯୋଜକ ପଦରେ ବସାଇଥିଲେ। କିନ୍ତୁ ମାତ୍ର ୮ ମାସ ପରେ ମାୟାବତୀ ପୁଣି ଆକାଶଙ୍କୁ ସେହି ପଦରୁ ବିଦା କରି ଦେଇଛନ୍ତି ।ମାୟାବତୀ କହିଛନ୍ତି ଯେ ସେ ଯେ କୌଣସି ବ୍ୟକ୍ତିଙ୍କୁ ତାଙ୍କର ଉତ୍ତରାଧିକାରୀ ଘୋଷଣା କରିପାରିବେ। ତାଙ୍କ ପରିବାର ଭବିଷ୍ୟତରେ ଅନ୍ୟ କୌଣସି ରାଜନୀତିକ ଦଳର ପରିବାର ସହିତ ସଂପର୍କ ଯୋଡିବ ନାହିଁ।ଗତ ମାସରେ ଆକାଶ ଆନନ୍ଦଙ୍କ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କୁ ଦଳରୁ ବହିଷ୍କାର କରିଥିଲେ ମୟାବତୀ। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ନିଆଯାଇଥିଲା ଏହି କାର୍ଯ୍ୟାନୁଷ୍ଠାନ। ଏହା ପରେ ସ୍ପଷ୍ଟ ସଙ୍କ ?ତ ମିଳି ଯାଇଥିଲା ଯେ ଆକାଶ ଆନନ୍ଦ ଆଉ ମାୟାବତୀଙ୍କ ଗୁଡ୍ ବୁକ୍ ?ରେ ନାହାନ୍ତି ।ସେହିପରି ମାୟାବତୀ ଏକ୍ସରେ ଏକ ଲମ୍ବା ପୋଷ୍ଟ କରି ଲେଖିଥିଲେ ଯେ ସେ ସାରା ଜୀବନ ଦଳିତ ଓ ଗରିବ ଲୋକଙ୍କ ପାଇଁ କାମ କରିବେ। ସବୁ ପ୍ରକାର ବାଧା ସତ୍ତ୍ୱେ ଯିଏ ତାଙ୍କର ଏହି ଆନ୍‌ଦୋଳନକୁ ଜାରି ରଖିବାକୁ ପ୍ରତିଶ୍ରୁବଦ୍ଧ ହେବେ, ସିଏ ହେବେ ତାଙ୍କର ପ୍ରକୃତ ଉତ୍ତରାଧିକାରୀ। ଫଳରେ ଏଥିରୁ ବି ସଙ୍କେତ ମିଳି ଯାଇଥିଲା ଯେ ଆକାଶ ଆନନ୍ଦ ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହା ପୂରଣ ହେବା କଷ୍ଟକର।ମାୟାବତୀ ଏମିତି ବାରମ୍ବାର ପୁତୁରା ଆକାଶ ଆନନ୍ଦଙ୍କୁ ନେଇ ନେଉଥିବା ନିଷ୍ପତ୍ତି ପଛରେ ରହିଛି ନିର୍ବାଚ଼ନରେ କ୍ରମାଗତ ଭାବେ ଦଳର ଖରାପ ପ୍ରଦର୍ଶନ। ଦଳ ଦିଗହରା ହୋଇଯାଇଛି। କ'ଣ କରିବା ଉଚ଼ିତ, କ'ଣ ନ କରିବା ଉଚ଼ିତ୍, ସେ ନେଇ ଦ୍ୱନ୍ଦ୍ୱରେ ଅଛି। ୨୦୦୭ରେ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚ଼ନରେ ୨୦୬ ଆସନ ଜିତିଥିବା ବିଏସ୍ ?ପି ୨୦୨୨ରେ ମାତ୍ର ଗୋଟିଏ ଆସନ ଜିତିଥିଲା। ଗତ ବର୍ଷ ଲୋକସଭା ନିର୍ବାଚ଼ନରେ ଦଳ ଗୋଟିଏ ବି ଆସନ ଜିତି ପାରିନି। ଦଳର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଏହାକୁ କିଭଳି ବିକଳ୍ପ ଦଳ ଭାବେ ପୁଣି ଗଠନ କରି ହେବ, ସେ ନେଇ ଦଳୀୟ ନେତୃତ୍ୱଙ୍କ ପାଖରେ କୌଣସି ଦୃଢ଼ ଯୋଜନା ନଥିବା ମନେ ହୁଏ। ମାୟାବତୀଙ୍କ ନାଁରେ ଦଳ ଆଉ ଭୋଟ୍ ଜିତିବା ଅସମ୍ଭବ ପ୍ରାୟ ଲାଗୁଥିବା ବେଳେ ଏପର୍ଯ୍ୟନ୍ତ ନୂତନ ନେତୃତ୍ୱ ନେଇ ମଧ୍ୟ ମାୟାବତୀ କିଛି ସ୍ପଷ୍ଟ ନିଷ୍ପତ୍ତି ନେଇପାରି ନାହାନ୍ତି। ହୁଏତ ନୂଆ ମୁହଁ ଦଳକୁ ଏକ ନୂତନ ଦିଗ ଦେଇପାରେ।

## 'ଯେଉଁମାନଙ୍କର ଆୟ ୧୦ ହଜାର ସେମାନେ ରାସନ କାର୍ଡ ଫେରାନ୍ତୁ', ଯୋଗାଣ ମନ୍ତ୍ରୀଙ୍କ ଅପିଲ୍



ଭୁବନେଶ୍ୱର, ୨ ।୩(ପି.ଏନ): ନିଜ ଆଡୁ ରାସନ କାର୍ଡ ଫେରାଇବାକୁ ପୁଣି ଅପିଲ୍ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚ଼ନ୍ଦ୍ର ପାତ୍ର। ସେ କହିଛନ୍ତି ଯେ, ଗ୍ରାମାଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ସେମାନେ ତୁରନ୍ତ କାର୍ଡ ଫେରାନ୍ତୁ ।ସେ ଆହୁରି କହିଛନ୍ତି ଯେ, ସହରାଞ୍ଚଳରେ ଯେଉଁମାନଙ୍କର ଆୟ ୧୫ ହଜାର ଟଙ୍କା ସେମାନେ ମଧ କାର୍ଡ ଫେରାଇ ଦିଅନ୍ତୁ। ସରକାର ଏବେ କୌଣସି କାର୍ଯ୍ୟାନୁଷ୍ଠାନ ନେବେନି। ଫେରାଇ ଦିଅନ୍ତୁ ।କାଲି ପୋର୍ଟାଲ ଖୋଲିବା ପରେ ଦେଢ ହଜାର ଆବେଦନ ହୋଇଛି। ପୂର୍ବରୁ ୬ ଲକ୍ଷ ଆବେଦନକାରୀ ରାସନ କାର୍ଡ ଅପେକ୍ଷାରେ ଅଛନ୍ତି। ୮୦ ହଜାର ଅଯୋଗ୍ୟ ହିତାଧିକାରୀ ୧୨ ହଜାର କାର୍ଡ ଫେରାଇଲେଣି। ସାଢେ ୪ ହଜାର ସରକାରୀ କର୍ମଚ଼ାରୀ କାର୍ଡ ଫେରାଇଛନ୍ତି।

## ୩୧ ମାର୍ଚ୍ଚ ସୁଭଦ୍ରା ଆବେଦନର ଶେଷ ତାରିଖ




ଭୁବନେଶ୍ୱର, ୨ ।୩(ପି.ଏନ): ସୁଭଦ୍ରାକୁ ନେଇ ବଡ଼ ଘୋଷଣା। ସରିନି ଏବେସୁଦ୍ଧା ସୁଭଦ୍ରା ଯୋଜନାରେ ଆବେଦନ ପ୍ରକ୍ରିୟା। ଯେଉଁମାନେ ଯୋଗ୍ୟ ହିତାଧିକାରୀ ଏବଂ ସୁଭଦ୍ରା ଯୋଜନାରେ ଆବେଦନ କରିନାହାନ୍ତି। ସେମାନଙ୍କ ପାଇଁ ଏବେବି ସୁଯୋଗ ରହିଛି ।ଚ଼ଳିତ ମାସ ତଥା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଡେଟଲାଇନ୍ ରହିଛି। ମାର୍ଚ୍ଚ ୩୧ ହେଉଛି ସୁଭଦ୍ରା ଯୋଜନାରେ ଆବେଦନର ଶେଷ ତାରିଖ। ଏନେଇ ସୂଚ଼ନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଯେଉଁମାନେ ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିଥିବେ। ସେମାନଙ୍କୁ ଏକାଥରେ ୩ଟି କିସ୍ତି ମିଳିବ ।ଅର୍ଥାତ୍ ଏକାଥରେ ସେମାନଙ୍କ ଆକାଉଣ୍ଟକୁ ଯିବ ୧୫୦୦୦ ହଜାର ଟଙ୍କା। ତୃତୀୟ କିସ୍ତି ରାକ୍ଷୀ ପୂର୍ଣ୍ଣିମାରେ ମାଳିବ। ଯେଉଁମାନେ ଆବେଦନ କରିନାହାନ୍ତି ଶୀଘ୍ର ଆବେଦନ କରନ୍ତୁ। ଆବେଦନର ଶେଷ ତାରିଖ ସୁଦ୍ଧା ଯେଉଁମାନେ ଫର୍ମ ପକାଇଥିବେ ସେମାନେ ଏକାଥରେ ତିନୋଟି କିସ୍ତିର ଟଙ୍କା ପାଇବେ ।ଆଉ ଯଦି ଏହାକୁ ହାତ ଛଡ଼ା କରନ୍ତି। ଆଉ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ। କାରଣ ମାର୍ଚ୍ଚ ୩୧ ହେଉଛି ଆବେଦନର ଶେଷ ତାରିଖ। ଏହା ପୂର୍ବରୁ ଗତକାଲି ରାତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୁଭଦ୍ରା ଯୋଜନା କିସ୍ତିକୁ ନେଇ ଏକ ଟ୍ୱିଟ କରାଯାଇଥିଲା ।ଯେଉଁଥିରେ ସୂଚ଼ନା ଦିଆଯାଇଥିଲା କି ମାର୍ଚ୍ଚ ୬ ଓ ୮ ତାରିଖରେ ସୁଭଦ୍ରା ଟଙ୍କା ଦିଆଯିବ। ୬ ତାରିଖରେ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଏବଂ ୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ଟଙ୍କା ମହିଳାଙ୍କ ଖାତାକୁ ଯିବ। ଏହାସହ ରାକ୍ଷୀପୂର୍ଣ୍ଣିମିରେ ତୃତୀୟ କିସ୍ତି ଦେବେ ସରକାର।

### ଆରମ୍ଭ ହେଲା ରମଜାନ ମାସ, ରୋଜା ରଖିଲେ ମୁସଲମାନ ଭାଇ ଭଉଣୀ

କଟକ, ୨ ।୩(ପି.ଏନ): ଆରମ୍ଭ ହେଲା ରମଜାନ ମାସ । ରୋଜା ରଖିଲେ ମୁସଲମାନ ଭାଇ ଭଉଣୀ । ବଜାରରେ ଜମିଲାଣି ଡ୍ରାଏ ଫ୍ରୁଡସ ଓ ଅତର ବ୍ୟବସାୟ । ଆରମ୍ଭ ହୋଇଛି ମୁସଲମାନ ସଂପ୍ରଦାୟର ପବିତ୍ର ରମଜାନ ମାସ ବା ରୋଜା ମାସ । ମାସ ସାରା ଶ୍ରଦ୍ଧାଳୁ ମାନେ ନିଷ୍ଠାର ସହ ଉପବାସ ପାଳିବେ । ଏହି ୩୦ ଦିନ ତରାବି ନମାଜ ପାଠ କରିବା ସହ କଠିନ ଉପବାସରେ ନିଜକୁ ସାମିଲ କରିବେ । କେବଳ ବୟସ୍କ, ରୋଗୀ, ଛୋଟ ପିଲା ଓ ଗର୍ଭବତୀଙ୍କୁ ଛାଡି ଅନ୍ୟ ସମସ୍ତେ ଏହି ରମଜାନ ଉପବାସ କରି ପାରିବେ ବୋଲି କୁହାଯାଇଛି ।ରୋଜା ଆରମ୍ଭ ହୋଇଥିବାରୁ ଲୋକଙ୍କ ଚ଼ାହିଦାକୁ ଦେଖି କଟକ ବର୍କ୍ସବଜାର, ଗୌରିଶଙ୍କର ପାର୍କ, ତିନିକୋଣିଆ ଭଳି ମାର୍କେଟରେ ଲାଗିଛି ରମଜାନ ଷ୍ଟଲ । ଏଠାରେ ଦେଶ ବିଦେଶର ଭଳିକି ଭଳି ଡ୍ରାଏ ଫ୍ରୁଡସ୍, ସର୍ବତ, ଅତର ଉପଲବ୍ଧ ହେଉଛି ।

## ଦୂଷିତ ହେଉଛି ପୁରୀ ତୀର୍ଥ ପୁଷ୍କରିଣୀ, ତୁରନ୍ତ ପଦକ୍ଷେପ ନେବାକୁ ଦାବି



ପୁରୀ ,୨ ।୩(ପି.ଏନ): ବାରମ୍ବାର ଚ଼ିଠି ସତ୍ତ୍ୱେ ଚେତୁନି ପ୍ରଶାସନ । ଦୂଷିତ ହେଉଛି ପୁରୀ ତୀର୍ଥ ପୁଷ୍କରିଣୀ ଜଳ । ପୁଣି ସଚେତନ କଲା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ତୀର୍ଥ ପୁଷ୍କରିଣୀ ଜଳ ଗାଧୋଇବା ଅନୁପଯୁକ୍ତ । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପୁରୀ ପୌରପାଳିକାକୁ ଲେଖିଥିବା ଚ଼ିଠି ଲେଖିବା ପରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ନରେନ୍ଦ୍ର, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ପାର୍ବତୀ ସାଗର ତୀର୍ଥ ପୁଷ୍କରିଣୀର ଜଳ ପ୍ରଦୂଷିତ । ଜଳର ଗୁଣାତ୍ମକ ମାନ 'ଖ' ଶ୍ରେଣୀର ମାନଦଣ୍ଡ ପୂରଣ କରୁଥିଲେ ତାହା ଗାଧୋଇବା ଉପଯୋଗୀ । ହେଲେ ପୁରୀର ସମସ୍ତ ତୀର୍ଥ ପୁଷ୍କରିଣୀ ଏବେ ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇଥିବା ଚ଼ିଠି ଲେଖି ପୌର ପ୍ରଶାସନକୁ ଅବଗତ କରିଛି ବିଭାଗ । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ସ୍ନାନ ଓ ବୁଡ଼ ପକାଇବାକୁ ଆସୁଥିବାବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ କଡ଼ା ସମାଲୋଚ଼ନା କରିଛନ୍ତି ସେବାୟତ ଓ ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ।୨୦୨୨ ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଓଡ଼ିଶାର ଥିବା ବିଭିନ୍ନ ପୋଖରୀ, ନାଳ ଏବଂ ହ୍ରଦ ସହ ପୁଷ୍କରିଣୀ ଜଳର ମାନ ପରୀକ୍ଷା କରାଯାଉଛି । ହେଲେ ଗତ ୨୦୨୨ ରୁ ୨୦୨୪ ପର୍ଯ୍ୟନ୍ତ ବୋର୍ଡ଼ ଦ୍ୱାରା ପୁରୀରେ ଥିବା ପଞ୍ଚତୀର୍ଥ ପୁଷ୍କରିଣୀର ଜଳର ମାନ ପରୀକ୍ଷା କରାଯାଇ ଏହା ଗାଧୋଇବା ପାଇଁ ଅନୁପଯୁକ୍ତ ଥିବା ଦର୍ଶାଯାଇଛି । ରିପୋର୍ଟ ଅନୁସାରେ ପାଣିରେ ଡିଜଲଭ୍ଡ ଅକ୍ସିଜେନ୍, ବାୟୋ କେମିକାଲ ଅକ୍ସିଜେନ୍ ଡିମାଣ୍ଡ, ଟୋଟାଲ କଲିଫର୍ମ, ଫେକାଲ୍ କଲିଫର୍ମର ମାନ ବହୁତ ତଳେ ରହିଛି । ପାଣିରେ ପୂଜା ସାମଗ୍ରୀ ପକାଇବା, ବିଭିନ୍ନ ଖାଦ୍ୟ ସାମଗ୍ରୀ ଫିଙ୍ଗିବା ଓ ଆବର୍ଜନା ପାଣି ଛାଡିବା ଯୋଗୁଁ ଏପରି ସ୍ଥିତି ଉପୁଜିଛି । ସେପଟେ ପୁରୀ ଜିଲ୍ଲାପାଳ କହିଛନ୍ତି, ପୁଷ୍କରିଣୀର ଜଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ପଦକ୍ଷେପ ନିଆଯିବ । ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ସହ ପୁରୀର ଏହି ପଞ୍ଚ ପୁଷ୍କରିଣୀ ଯୋଡ଼ି ହୋଇ ରହିଥିବାରୁ ଏହାକୁ ପ୍ରଦୂଷଣମୁକ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ଆଧୁନିକ ଲାହୋରର ଜନକ ସାର୍‌ଗଙ୍ଗା ରାମ, ପାକିସ୍ତାନରେ ଏବେ ଚ଼ାଲିଛି ହସ୍ପିଟାଲ



ଭୁବନେଶ୍ୱର, ୨ ।୩(ପି.ଏନ): ବିଭାଜନ ପରେ ଏମିତି କିଛି ହାତ ଗଣତି ବ୍ୟକ୍ତିତ୍ୱ ରହିଛନ୍ତି, ଯେଉଁମାନେ ନିଜର ଛାପ ସୀମାର ଦୁଇ ପାର୍ଶ୍ୱରେ ଛାଡିବାକୁ ସକ୍ଷମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ସାର ଗଙ୍ଗା ରାମ। ଜଣେ ସିଭିଲ ଇଞ୍ଜିନିୟର ଓ ବଦାନ୍ୟ ବ୍ୟକ୍ତି ଭାବେ ସେ ବେଶ ପରିଚ଼ିତ ଥିଲେ। ତାଙ୍କର ସ୍ମୃତି ଓ ଛାପ ପାକିସ୍ତାନର ଲାହୋର ଓ ଭାରତର ଦିଲ୍ଲୀରେ ଏବେ ବି ରହିଛି ।ଦିଲ୍ଲୀରେ ଥିବା ପ୍ରସିଦ୍ଧ ସାର ଗଙ୍ଗା ରାମ ହସ୍ପିଟାଲ ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ସମାନ ଧରଣର ଆଉ ଗୋଟିଏ ହସ୍ପିଟାଲ ଲାହୋରରେ ବି ରହିଛି। ଲାହୋରରେ ଥିବା ଉକ୍ତ ହସ୍ପିଟାଲକୁ ୧୯୨୧ରେ ସାର ଗଙ୍ଗା ରାମ ନିର୍ମାଣ କରିଥିଲେ। ଏହାର ୩୦ ବର୍ଷ ପରେ ସାର ଗଙ୍ଗା ରାମଙ୍କ ସ୍ମୃତିରେ ଦିଲ୍ଲୀରେ ସମାନଧରଣର ହସ୍ପିଟାଲ ତିଆରି କରାଯାଇଥିଲା। ଏବେ ବି ଲାହୋରରେ ଥିବା ସାର ଗଙ୍ଗା ରାମ ହସ୍ପିଟାଲକୁ ନୈନିକ ଶହଶହ ରୋଗୀ ଆସୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୧୯୪୭ ମସିହା ବିଭାଜନ ପରେ ପାକିସ୍ତାନରେ ଅନେକ ରାସ୍ତା, ପ୍ରତିଷ୍ଠାନ ଓ ଗୁରୁତ୍ୱପୂର୍ଣ୍ଣ ବିଲଡିଂର ନାଁ ବଦଳାଇ ଦିଆଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଓ ଦୁର୍ବୃତ୍ତଙ୍କ ଉପଦ୍ରବ ଯୋଗୁ ଅନେକ ପ୍ରତିଷ୍ଠାନ ଧ୍ୱଂସ ପାଇଯାଇଛି। କିନ୍ତୁ ହାର୍ଟ ଅଫ ଲାହୋରରେ ଏବେ ବି ସାର ଗଙ୍ଗା ରାମ ହସ୍ପିଟାଲ ଅକ୍ଷତ ଅବସ୍ଥାରେ ରହିଛି। କାରଣ ସାର ଗଙ୍ଗା ରାମ ହେଉଛନ୍ତି ଆଧୁନିକ ଲାହୋରର ଜନକ।

# କେରଳ କଂଗ୍ରେସରୁ ଦୂର ହେଲା ଅଶାନ୍ତି !

ଭୁବନେଶ୍ୱର, ୨ ।୩(ପି.ଏନ): ସାଂସଦ ଶଶୀ ଥରୁରଙ୍କ ମନ୍ତବ୍ୟକୁ ନେଇ କେରଳ କଂଗ୍ରେସରେ ଦେଖାଯାଇଥିବା ଅଶାନ୍ତି ଦୂର ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋଶାଲ ମିଡିଆରେ ଏକ ପୋଷ୍ଟ କରି ଏହା କହିବାକୁ ଚ଼ାହିଁଛନ୍ତି। ସେ ଦଳର ନେତାମାନଙ୍କର ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି ଯେ ସେମାନଙ୍କ ମଧ୍ୟରେ ଏକତା ଅଛି। ଏହି ଫଟୋରେ ଅନ୍ୟମାନଙ୍କ ମଧ୍ୟରେ ଥିରୁଅନନ୍ତପୁରମ ସାଂସଦ ଶଶୀ ଥରୁର ମଧ ଅଛନ୍ତି, ଯିଏ କେରଳ କଂଗ୍ରେସରେ ଦେଖା ଦେଇଥିବା ଅଶାନ୍ତିର ମୂଳ କାରଣ ଥିଲେ।କେରଳରେ ସିପିଏମ୍ ନେତୃତ୍ୱାଧୀନ ବାମପନ୍ଥୀ ସାମ୍ମୁଖ୍ୟ ସରକାର ଥିବା ବେଳେ ସେଠାରେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ହୋଇଥିବା ବିକାଶକୁ ପ୍ରଶଂସା କରିଥିଲେ ଶଶୀ ଥରୁର। ଏହା ସହିତ ଓମାନ ଚ଼ାଣ୍ଡୀଙ୍କ ପରଲୋକ ପରେ କେରଳ କଂଗ୍ରେସରେ ରାଜ୍ୟବ୍ୟାପୀ ଗ୍ରହଣଯୋଗ୍ୟ ହେଲା ଭଳି କେହି ନେତା ନାହାନ୍ତି ବୋଲି କହି ପରୋକ୍ଷରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ବର୍ଷ କେରଳରେ ବିଧାନସଭା ନିର୍ବାଚ଼ନ ହେବାକୁ ଥିବା ବେଳେ ପୁଣି କ୍ଷମତାକୁ ଫେରିବାକୁ ଲକ୍ଷ୍ୟ ରଖିଥିବା ରାଜ୍ୟ କଂଗ୍ରେସର ନେତାମାନେ ଏହାକୁ ଗ୍ରହଣ କରି ପାରି ନଥିଲା ଓ ବିବାଦର ସୂତ୍ରପାତ ହୋଇଥିଲା ।ଶଶୀଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଥିଲା କେରଳ କଂଗ୍ରେସ । ଆଗକୁ ନିର୍ବାଚ଼ନ ଥିବା ବେଳେ ଶଶୀ ଥରୁର ଦଳର ହଜାର ହଜାର କାର୍ଯ୍ୟକର୍ତାଙ୍କ ଆଶାକୁ ଭାଙ୍ଗିବା ଉଚ଼ିତ ନୁହେଁ ବୋଲି ରାଜ୍ୟ କଂଗ୍ରେସର ନେତାମାନେ କହିଥିଲେ। କେରଳର ବାମପନ୍ଥୀ ସାମୁଖ୍ୟ ସରକାରର ବିଭିନ୍ନ ଦୁର୍ବଳତାକୁ କଂଗ୍ରେସ ଉଭୟ ବିଧାନସଭା ଭିତରେ ଓ ବାହାରେ ସମାଲୋଚ଼ନା କରୁଥିବା ବେଳେ ଶଶୀ ଥରୁରଙ୍କ ମନ୍ତବ୍ୟ ଦଳକୁ ଭିତରୁ ଦୁର୍ବଳ କରିଦେବ ବୋଲି ଏହାର ରାଜ୍ୟ ନେତାମାନେ କହିଥିଲେ। ତା'ସହିତ ଏହା ଆତ୍ମହତ୍ୟା କଲା ସଦୃଶ ହେବ ବୋଲି ସେମାନେ ମତ ଦେଇଥିଲେ ।ନିଜ ମନ୍ତବ୍ୟକୁ ନେଇ ପରେ ସ୍ପଷ୍ଟୀକରଣ ଦେଇଥିଲେ ଶଶୀ ଥରୁର। ସେ କହିଥିଲେ ଯେ ତାଙ୍କ ମନ୍ତବ୍ୟକୁ ଭୁଲ ବୁଝାଯାଇଛି। ସେ ସିପିଏମ୍ ନେତୃତ୍ୱାଧୀନ ବାମପନ୍ଥୀ ସାମୁଖ୍ୟର ପ୍ରଶଂସା କରି ନଥିଲେ। ସେ କେବଳ ରାଜ୍ୟରେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ବିଷୟରେ କହିଥିଲେ। ସେହିଭଳି କେରଳ କଂଗ୍ରେସରେ ନେତା ନଥିବା କଥା ସେ କହି ନାହାନ୍ତି ବୋଲି ସ୍ପଷ୍ଟୀକରଣ ଦେଇଥିଲେ ।ଏହି ବିବାଦ ଭିତରେ କେରଳ କଂଗ୍ରେସ ସଭାପତି କେ ସୁଧାକରନ କହିଥିଲେ ଯେ ଶଶୀ ଥରୁରଙ୍କ ମନ୍ତବ୍ୟ ଦଳକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ହୋଇପାରେ। କେରଳ କଂଗ୍ରେସର ସଭାପତି ଭାବେ ସେ ଦଳର କାର୍ଯ୍ୟଧାରାକୁ ନେଇ କୌଣସି ପ୍ରଶ୍ନ ଉଠିଲେ, ଏହାର ସମାଧାନ କରିବାକୁ ପ୍ରୟାସ କରିବେ ।ତେବେ ଦଳର ରାଜ୍ୟ ସଭାପତିଙ୍କ କଥା ସମସ୍ତଙ୍କୁ ଆଶ୍ୱସ୍ତି ଦେଇପାରି ନଥିଲା। ସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ଦଳର କେନ୍ଦ୍ରୀୟ ନେତୃବୃନ୍ଦ ଦିଲ୍ଲୀରେ ଏକ ବୈଠକ ଡାକିଥିଲେ। ଏଥିରେ ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେସି ଭେନୁଗୋପାଳ, କେରଳ କଂଗ୍ରେସ ସଭାପତି କେ ସୁଧାକରନ, କେରଳ କଂଗ୍ରେସର ବିଧାୟକ ଦଳ ନେତା ଭି ଡି ସଥୀସାନ, କେରଳ ଦାୟିତ୍ୱରେ ଥିବା ଦୀପା ଦାସମୁନଷୀ ଓ ସାଂସଦ ଶଶୀ ଥରୁର ଉପସ୍ଥିତ ରହିଥିଲେ ।ଯାହା ସୂଚ଼ନା ମିଳିଛି, ବୈଠକରେ ରାହୁଲ ଗାନ୍ଧୀ କହିଥିଲେ ଯେ ଦଳର ନେତାମାନେ କିଛି ମନ୍ତବ୍ୟ ଦେବା ବେଳେ ବହୁତ ଯତ୍ନବାନ ହେବା ଆବଶ୍ୟକ। ଦଳର ଆଭିମୁଖ୍ୟଠାରୁ ଭିନ୍ନ କିଛି ମନ୍ତବ୍ୟ ସେମାନେ ଦେବା ଉଚ଼ିତ ନୁହେଁ ।ବୈଠକ ପରେ ଦୀପା ଦାସମୁନଷୀ କହିଥିଲେ, ହାଇକମାଣ୍ଡଙ୍କଠାରୁ ଆମେ ସ୍ପଷ୍ଟ ସଙ୍କେତ ପାଇଛୁ ଯେ କେରଳରେ କଂଗ୍ରେସ ଲୋକଙ୍କ ସହିତ ଭାବନାତ୍ମକ ଓ ରାଜନୀତିକ ଭାବେ ପୂରା ଯୋଡି ହୋଇ ରହିଛି। ଲୋକେ ପରିବର୍ତ୍ତନ ଚ଼ାହୁଁଛନ୍ତି। ତେଣୁ ଆମେ ଏମିତି କିଛି କାମ କରିବାନି ଯାହା କେରଳର ଲୋକଙ୍କୁ ଅସମ୍ମାନିତ କରିବ। ଏହା ଏକ ସ୍ପଷ୍ଟ ସଙ୍କେତ। ଯଦି କେହି ବ୍ୟକ୍ତିଗତ ଭାବେ କିଛି କହିବେ, ତା'ହେଲେ ଆମେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ। କାରଣ କେରଳବାସୀଙ୍କୁ ଅସମ୍ମାନିତ କରିବାର ଅଧିକାର ଆମର ନାହିଁ।ସେ ଆହୁରି କହିଥିଲେ ଯେ ଦଳର ସବୁ ନେତା ଏକାଠି ଅଛନ୍ତି। କେରଳ କଂଗ୍ରେସରେ ଏକତା ନାହିଁ ବୋଲି ଗଣମାଧ୍ୟମ ମିଛ ଖବର ପ୍ରକାଶ କରୁଛି। ବୈଠକରେ ସମସ୍ତେ ବାମପନ୍ଥୀ ସାମ୍ମୁଖ୍ୟ ସରକାର ଓ ବିଜେପିକୁ ତୀବ୍ର ସମାଲୋଚ଼ନା କରିଥିଲେ ।ଶଶୀ ଥରୁର ତାଙ୍କ ଏକ୍ସରେ ଏକ ପୋଷ୍ଟ କରି ଲେଖିଛନ୍ତି, କଂଗ୍ରେସ ସଭାପତି ଖଡଗେ, ରାହୁଲ ଗାନ୍ଧୀ ଓ ସାଧାରଣ ସଂପାଦକ ଦୀପର ଦାସମୁନଷୀଙ୍କ ଉପସ୍ଥିତିରେ କେରଳ କଂଗ୍ରେସର ଏକ ଭଲ ବୈଠକ ଅନୁଷ୍ଠିତ ହୋଇଯାଇଛି ।ମିଳିଥିବା ସୂଚ଼ନା ଅନୁଯାୟୀ, ବୈଠକରେ ଦଳୀୟ ନେତୃତ୍ୱ ସାଂସଦ ଶଶୀ ଥରୁରଙ୍କୁ କୌଣସି ପ୍ରକାର ସ୍ପଷ୍ଟୀକରଣ ମାଗି ନଥିଲେ। କାରଣ ସେ ପୂର୍ବରୁ କହି ସାରିଥିଲେ ଯେ ତାଙ୍କ ମନ୍ତବ୍ୟକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା।

## ସାଂସଦ ପ୍ରଦୀପ ପୁରୋହିତଙ୍କ ବଡ଼ ବୟାନ, ନବଙ୍କ ପରିବାର ଉପରେ ଚ଼ାପ ପକାଉଛି ବିଜେଡି



ଭୁବନେଶ୍ୱର, ୨ ।୩(ପି.ଏନ): ନବ ଦାସ ହତ୍ୟା ପ୍ରସଙ୍ଗରେ ବଡ଼ ବୟାନ ଦେଇଛନ୍ତି ବିଜେପି ସାଂସଦ ପ୍ରଦୀପ ପୁରୋହିତ । ନବଙ୍କ ପରିବାର ଉପରେ ଚ଼ାପ ପକାଉଛି ବିଜେଡି ।ଉଇଓ ତଦନ୍ତ ପାଇଁ ପରିବାର ଲେଖିଲେ ବିଜେଡିର ୨ ବଡ଼ମୁଣ୍ଡ ଫସିଯିବେ । ସେଥିପାଇଁ ଦୀପାଳିଙ୍କ ଉପରେ ବିଜେଡି ଚ଼ାପ ପକାଇଥିବା କହିଛନ୍ତି ପ୍ରଦୀପ । ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଦେବା ଲାଗି ମନା କରିଛି ବିଜେଡି । ତେବେ ସାଂସଦଙ୍କ ଏଭଳି ବୟାନ ପରେ ପୁଣିଥରେ ରାଜନୀତି ଆରମ୍ଭ ହୋଇଯାଇଛି ।ସେ ଏହି ଘଟଣାରେ ପରୋକ୍ଷ ଇଙ୍ଗିତ କରିଛନ୍ତି ପ୍ରଦୀପ । ଜଣେ ଆଇଏସ ଅଧିକାରୀ ଯିଏ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲେ ଏବଂ ଆଉ ଜଣେ ବିଜେଡିର ବଡ ନେତା ଦୁହେଁ ମିଶି ଦୀପାଳିଙ୍କ ଉପରେ ଚ଼ାପ ପକାଉଛନ୍ତି । ସିବିଆଇ ତଦନ୍ତ ପାଇଁ ଦୀପାଳିଙ୍କର ପରିବାର ଜଣାଇଲେ ୨ ବଡ଼ମୁଣ୍ଡ ଫସିଯିବେ ।






# ନିର୍ମାତାଙ୍କ ଉପରେ ଗମ୍ଭୀର ଆରୋପ ଆଣିଲେ କ୍ରିଷ୍ଣା



**କ୍ରିଷ୍ଣା** ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ 'ୟେ ହେ ମୋହବତେଁ'ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଣା ତାଙ୍କ କ୍ୟାରିଅରରେ 'ନାଗିନ୍-୩','କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ',' ଶୁଭ ଶଗୁନ୍' ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଣା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରେ 'ଶୁଭ ଶଗୁନ୍'ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି 'ଶୁଭ ଶଗୁନ୍'ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଂଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। 'ଶୁଭ ଶଗୁନ୍'ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଣା ସୋ' ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

# ଅଲଗା ହେଲେ ଶ୍ରୁତି-ସାନ୍ତନୁ !

**ଦ**କ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, "ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା'ଠାରୁ ଭଲ କିଛି ହୋଇନପାରେ।"



# ପିତାଙ୍କ ପାଇଁ ନେହାଙ୍କ ରୋଡ୍ ଶୋ

**ବ**ଲିଉଡ୍ ଅଭିନେତ୍ରୀ ନେହା ଶର୍ମା ବିହାରରେ ଏକ ରୋଡ୍ ଶୋରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ନେହା ତାଙ୍କ ପିତା ଅଜିତ ଶର୍ମାଙ୍କ ସମର୍ଥନରେ ରୋଡ୍ ଶୋ କରିଛନ୍ତି, ଯିଏ କି କଂଗ୍ରେସ ଟିକେଟରେ ଭାଗଲପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧ୍ୟରେ ନେହା ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ତାଙ୍କ ପିତାଙ୍କ ପାଇଁ ପ୍ରଚାର କରୁଛନ୍ତି। ନେହା ଶର୍ମା ଇନଷ୍ଟାଗ୍ରାମରେ ବାଙ୍କା, କିଶନଗଞ୍ଜ, କଟିହର ଏବଂ ପୂର୍ଣ୍ଣିୟା ସମେତ ବିହାରର ବିଭିନ୍ନ ଜିଲାରେ ନିଜ ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି। ସେ ପାରମ୍ପରିକ ସାଲୱାର



କମିଜ୍ ପିନ୍ଧିଥିଲେ ଏବଂ ଜନସାଧାରଣଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରୁଥିବା ଦେଖାବାକୁ ମିଳିଛି। ରୋଡ୍ ଶୋ ସମୟରେ ଅଭିନେତ୍ରୀଙ୍କୁ ପେରପେନ୍ତି ଏବଂ କହଲଗାଓଁରେ ବହୁ ସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ଏକ ଭିଡିଓରେ ଅଭିନେତ୍ରୀ ଭାଗଲପୁରରେ ତାଙ୍କ ପିତାଙ୍କ ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ଦେଖାଯାଇଛି।

# ମହାକାଶରେ ଫୁଟିଲା ଜିନିଆ ଫୁଲ

**ଆ**ଗକୁ ମଙ୍ଗଳ ଗ୍ରହ ବା ପୃଥିବୀ ବାହାର ଅନ୍ୟାନ୍ୟ ସ୍ଥାନକୁ ମହାକାଶ ଯାତ୍ରା ନିମନ୍ତେ ମହାକାଶଚାରୀଙ୍କୁ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ତାହାକୁ ଦୃଷ୍ଟିରେ ରଖି ମହାକାଶ ଗବେଷକମାନେ ଅନ୍ତରୀକ୍ଷରେ ଉଦ୍ଭିଦ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଉଦ୍ଭିଦର ସ୍ଥିତି ସମ୍ପର୍କରେ ୧୯୭୦ ଦଶକରୁ ପରୀକ୍ଷା ନିରୀକ୍ଷା ଚଳାଇ ଆସିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ୨୦୧୫ ମସିହାରେ ମହାଶୂନ୍ୟରେ ପୃଥିବୀ ଚାରିପଟେ ଘୂରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫୁଲ ଗଛ ଲଗାଇବା ଆରମ୍ଭ ହୋଇଥିଲା। ଏହାର ସୁଫଳ ମିଳିଥିବା ଏବେ ଜଣାଯାଇଛି। ସେଠାରେ ଫୁଟିଥିବା ଜିନିଆ ଫୁଲର ଚିତ୍ର 'ନାସା' ନିକଟରେ ପ୍ରକାଶ କରିଛି। 'ମହାକାଶରେ ବଗିଚା' ଗବେଷଣାର ଅଂଶବିଶେଷ ଏହି ଜିନିଆ ଫୁଲ କେବଳ ପ୍ରଦର୍ଶନୀ ପାଇଁ ନୁହେଁ, ବରଂ ପୃଥିବୀ ବାହାରେ କିପରି ଉଦ୍ଭିଦ ବଢ଼ାଯାଇପାରିବ, ସେ ସଂକ୍ରାନ୍ତ ଜ୍ଞାନ ଆହରଣ ପାଇଁ ତାହା ସହାୟକ ହେବ। ଏହା ଦ୍ୱାରା ଚନ୍ଦ୍ର, ମଙ୍ଗଳ ପରି ପୃଥିବୀ ବାହାରକୁ ଦୀର୍ଘମିଆଦୀ ମହାକାଶ ଯାତ୍ରା ବେଳେ ମହାକାଶଚାରୀଙ୍କୁ ସଜ ଫଳମୂଳ ଯୋଗାଇବାର ମୂଲ୍ୟବାନ ଉତ୍ସ ତତ୍କାଳ ମିଳିପାରିବ। 'ନାସା' ମହାକାଶଚାରୀମାନେ ମଧ୍ୟ ପୂର୍ବରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଟମାଟୋ, ବନ୍ଧାକୋବି ଓ କଂଚାଲଙ୍କା ଆଦି ବଢ଼ାଇବା ସହ ଆଗକୁ ଆହୁରି ଅନେକ ଉଦ୍ଭିଦ ବିକଶିତ କରିବାର କାର୍ଯ୍ୟକ୍ରମ ରହିଛି। ମହାକାଶରେ ନଗଣ୍ୟ ବା ଶୂନ ମାଧ୍ୟାକର୍ଷଣ ବଳ ପରିବେଶରେ କିପରି ଏକ ସ୍ୱୟଂକ୍ରିୟ ବଗିଚା ସୃଷ୍ଟି କରିହେବ ସେ ବାବଦରେ ଏହି ଜିନିଆ ଫୁଲ ଫୁଟିବା ଘଟଣା ମହାକାଶଚାରୀଙ୍କୁ ଅଧିକ ଜ୍ଞାନ ଯୋଗାଇବ ବୋଲି 'ନାସା' କହିଛି।

# ସପୁରୀ ଜୁସ୍‌ର ଫାଇଦା...

**ଶ**ରୀରକୁ ସୁସ୍ଥ ରଖିବା ପାଇଁ କିଏ ବା ନ ଚାହେଁ। ଶରୀରକୁ ଉପକାର କରୁଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନ୍ଆପଲ୍ ତଥା ସପୁରୀ ଜୁସ୍। ସପୁରୀ ରସ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠ ଭଲ ମେଡିସିନ। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନର ଏକମାତ୍ର ଖାଦ୍ୟ ଉତ୍ସ। ଖରାଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ତେବେ ଆସନ୍ତୁ ଜାଣିବା ସପୁରୀ ଜୁସ୍ ପିଇବା ଦ୍ୱାରା କଣ ମିଳିଥାଏ ଫାଇଦା। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମ ସତେଜ ରୁହେ ଏବଂ କୁଂଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ? ପିଅନ୍ତି, ତେବେ ଆପଣଙ୍କ ତ୍ୱଚା ସୁସ୍ଥ ଓ କୋମଳ ରହିବ। ସପୁରୀ ଜୁସ୍‌ରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍-ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ। ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୩**

# କାନ ଏବଂ ଶ୍ରବଣ ସୁରକ୍ଷା ଓ ଆଜିର ଆହ୍ୱାନ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡେ଼ରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ। ଆଜି ଏହି ଆଲେଖ୍ୟରେ ବ୍ୟକ୍ତିର ଜୀବନ ଶୈଳୀରେ ପରିବର୍ତ୍ତନ କରି କିଭଳି ଶ୍ରବଣ ହାନି ରୋକାଯାଇପାରିବ ସେ ସମ୍ବନ୍ଧରେ ଚର୍ଚ୍ଚା କରିବା।

ସର୍ଦ୍ଦି ଅଥବା ଭୂତାଣୁ ସଂକ୍ରମଣ ହେଉଛି ଶ୍ରବଣ ହାନିର ଏକ ମୁଖ୍ୟ କାରଣ। ଜୀବନଶୈଳୀ ପରିବର୍ତ୍ତନ କରି କିଭଳି ଏହାକୁ ରୋକାଯାଇ ପାରିବ ଆସନ୍ତୁ ସେ ବିଷୟରେ ସମ୍ୟକ ଆଲୋଚନା କରିବା। ପ୍ରଥମେ ମା'କ୍ଷୀର ଖାଇବା ବେଳେ ଶିଶୁକୁ ୪୫ ଡିଗ୍ରୀ କୋଣରେ ଧରି ଖାଇବାକୁ ଦିଅନ୍ତୁ। ରାତିରେ ଖାଇବା ସମୟରେ ଶିଶୁ ଶୋଇପଡ଼ିଲେ ଦୁଇ ତିନି ସେକେଣ୍ଡ ପାଇଁ ତା ନାକକୁ ଚାପି ଧରନ୍ତୁ। ଏହାଦ୍ୱାରା ପାଟିରେ ବଳକା କ୍ଷୀର ନରହି ପେଟକୁ ଚାଲିଯାଏ ନଚେତ ଏହି କ୍ଷୀର ପାଟିରେ ରାତି ସାରା ରହି ଗଳା ସଂକ୍ରମଣ କରି କାନକୁ ପ୍ରଭାବିତ କରେ। ଫଳରେ କାନରୁ ପାଣି ବା ପୂଜ ଦିଏ। ଏହାଛଡ଼ା ମୁଖଗହ୍ୱର ସଂକ୍ରମଣରୁ ବର୍ତ୍ତିବା ପାଇଁ ଶିଶୁର ଦୁଇ ବର୍ଷ ପରେ ନିୟମିତ ରାତିରେ ବ୍ରସ କରାନ୍ତୁ। ଥଣ୍ଡା ଜିନିଷ ଖାଇବାକୁ ବାରଣ କରନ୍ତୁ। ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ। ରାତି ଶୋଇବା ବେଳେ କାନରେ ପଙ୍ଖା ପବନ ନ ବାଜିବା ପାଇଁ ତୁଳାବିଣ୍ଡା ଦିଅନ୍ତୁ ବା ଦୁଇ କାନକୁ କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏହି କପଡାଟି ସମ୍ପୂର୍ଣ୍ଣ ବିଶୋଧିତ ହୋଇଥିବା ବାଞ୍ଛନୀୟ। ଗାଧୋଇବା ବେଳେ କାନରେ ପାଣି ପଶିଗଲେ ତୁଳା କାଠିରେ ପୋଛି ଦିଅନ୍ତୁ ନଚେତ ଫଙ୍ଗସ୍ ସଂକ୍ରମଣ ହୋଇପାରେ। ଧୂଳିଧୂଆଁ ଠାରୁ ଦୂରେଇ ରୁହନ୍ତୁ। ମନେ ରଖନ୍ତୁ ବିଡ଼ି ସିଗାରେଟ ଟାଣୁଥିବା ବ୍ୟକ୍ତି ଏବଂ ତାଙ୍କ ସଂସର୍ଗ ରହୁଥିବା ସମସ୍ତେ ପ୍ରଭାବିତ ହେବାର ସମ୍ଭାବନା ଅଛି।

ଏହାଛଡ଼ା କାନର ସ୍ନାୟୁ ଦୋଷରୁ ରକ୍ଷା ପାଇବା ପାଇଁ ସାଧାରଣ ଜନତା ଖାଦ୍ୟପେୟରେ ସାବଧାନତା ଆଚ୍ଚରଣ କରିବା ବିଧେୟ। ଅଧିକମାତ୍ରା ଲୁଣ ଏବଂ ଲୁଣି ଖାଦ୍ୟ ଶରୀର ଏବଂ କାନ ପାଇଁ କ୍ଷତିକାରକ। ବର୍ତ୍ତମାନ ଖରାଦିନ ଆସିଲାଣି, ଆମ ଓଡ଼ିଆଙ୍କର ଅତି ପ୍ରିୟ ଓ ଋତୁଜନିତ ଖାଦ୍ୟ ପଖାଳ ପ୍ରତି ଅନେକଙ୍କର ଦୁର୍ବଳତା ରହିଥାଏ ତେବେ ଖରାଦିନେ ପଖାଳ ତୋରାଣି ଏବଂ ଲୁଣି ଆଚାରକୁ ଜଗନ୍ତୁ। ସେହିପରି ଏକାଥରେ ଦୁଇଗ୍ଲାସ (୬୦୦ ମି.ଲି.)ରୁ ଅଧିକ ପାଣି ପିଇବା ଉଚିତ ନୁହେଁ। ନିକୋଟିନ ଆଲକୋହଲ, ଟବାକୋ ମଧ୍ୟ କାନକୁ କ୍ଷତି ପହଞ୍ଚାଇଥାଏ। ରାତି ଅନିଦ୍ରା, ଅତ୍ୟଧିକ ଦୁଶ୍ଚିନ୍ତା, ବ୍ଲଡ଼ପ୍ରେସର, ମଧୁମେହ, ଥାଇରଏଡ଼ ରୋଗ, ଅତ୍ୟଧିକ ମୋବାଇଲ ବ୍ୟବହାର, ତୀବ୍ର ଶବ୍ଦ ମଧ୍ୟ କାନର ସ୍ନାୟୁକୁ ଖରାପ କରେ। ଅତ୍ୟଧିକ ଶବ୍ଦରୁ କାନକୁ ରକ୍ଷା କରିବା ପାଇଁ ଆତସବାଜି ଓ ଡିଜେ ଆଦି କର୍କଶ ଶବ୍ଦ ଠାରୁ ଦୂରେଇ ରହିବା ବିଧେୟ। କାରଖାନା ଶ୍ରମିକମାନେ କାର୍ଯ୍ୟସ୍ଥଳୀରେ କାନରେ ଇଅର ପ୍ଲଗ ଦେଇ କାମ କରିବା ଉଚିତ। ମୋବାଇଲ ଫୋନ ବ୍ୟବହାରକାରୀମାନେ ଯେତେ ଦୂର ସମ୍ଭବ ବ୍ଲୁଟୁଥ ବ୍ୟବହାର କମ କରିବା ଉଚିତ। ସବୁଠାରୁ ଭଲ ଲାଉଡ ସ୍ପିକର ଦେଇ ମୋବାଇଲରେ କଥା ହେବା। ଏହାଛଡ଼ା ସମୁଦ୍ରରେ ଗାଧୋଇବାବେଳେ ଅଥବା ଗଭୀର ପାଣିରେ ବୁଡ଼ ମାରିବା ସମୟରେ କାନରେ ଇୟର ପ୍ଲଗ ଦେବା ବିଧେୟ। ନଚେତ ସମୁଦ୍ର ବାଲି କାନରେ ପଶି ଯିବାର ସମ୍ଭାବନା ଅଛି। ଗଭୀର ପାଣିକୁ ଗଲେ କାନର ପରଦା ଫାଟିଯିବାର ଯଥେଷ୍ଟ ସମ୍ଭାବନା। ହୋଲିରେ ପିଚକାରୀ ଖେଳିବା ବେଳେ ମଧ୍ୟ ଇୟର ପ୍ଲଗ ଦେବା ଆବଶ୍ୟକ। କାରଣ ବେଳେ ବେଳେ ପିଚକାରୀ ରଙ୍ଗ ପାଣି ପରଦାକୁ କଣା କରିଦେଇପାରେ। ଆହୁରି ମଧ୍ୟ ଫ୍ଲାଇଟରେ ଗଲାବେଳେ ପାଟିରେ ଚକୋଲେଟ ବା ଅନ୍ୟ କିଛି ରଖି ବାରମ୍ବାର ଛେପ ଢ଼ୋକିବା ଉଚିତ। ନଚେତ ବାୟୁର ବଦଳୁଥିବା ପ୍ରେସର ଯୋଗୁଁ କାନ ବିନ୍ଧିବା ସଙ୍ଗେ ସଙ୍ଗେ ବେଳେ ବେଳେ ପରଦା କଣା ମଧ୍ୟ ହୋଇଯାଇପାରେ। ଏହି ଢ଼ୋକିବା କେବଳ ଉଡାଜାହାଜ ଉପରକୁ ଉଠିବା ଏବଂ ଓହ୍ଲାଇବା ସମୟ ପାଇଁ। ଏହିଠାରେ କହି ରଖିବା ଉଚିତ ଯେ ଏସବୁ ସତ୍ତ୍ୱେ ଆମେ ସମସ୍ତେ କାନର ଯତ୍ନ ପାଇଁ ସପ୍ତାହରେ ଥରଟିଏ ରେକ୍ଟିଫାଏଡ଼ ସ୍ପିରିଟରେ ତୁଳାକାଠି ବୁଡ଼ାଇ କାନକୁ ପୋଛି ନେବା ଉଚିତ।

ଆମ ଶ୍ରବଣ ଶକ୍ତିର ସୁରକ୍ଷା ଆମର ଦାୟିତ୍ୱ। ଆମେ ସଚେତନ ହେବା ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କୁ ସଚେତନ କରାଇବା ଏହି ଦିବସର ଲକ୍ଷ୍ୟ ହେବା ଉଚିତ। ଆଜି ବିଶ୍ୱ ଶ୍ରବଣ ଦିବସ ଯାହାକି ପ୍ରତି ବର୍ଷ ମାର୍ଚ୍ଚ ତିନି ତାରିଖରେ ପଡ଼ିଥାଏ। ଏହି ଅବସରରେ ମଙ୍ଗଳାବାଗ କାଠଗୋଲା ରୋଡ଼ସ୍ଥିତ ମେଟ୍ରୋ ମନୋରମା କମ୍ପ୍ଲେକ୍ସରେ ଅବସ୍ଥିତ 'ଧ୍ୱନୀ' ବାକ୍ ଶ୍ରବଣ କେନ୍ଦ୍ର ପକ୍ଷରୁ ମାଗଣାରେ କର୍ଣ୍ଣ ଜନିତ ସମସ୍ତ ପରୀକ୍ଷା ଆନୁସଙ୍ଗିକ ପରାମର୍ଶ, ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି, ଏହାସହ ଶବ୍ଦ ପ୍ରତିରୋଧକ ଇୟର ପ୍ଲଗ ମଧ୍ୟ ନିଃଶୁଳ୍କ ଦିଆଯିବ। ଓଡ଼ିଶାରେ 'ଧ୍ୱନୀ' ବାକଶ୍ରବଣ କେନ୍ଦ୍ର ଏକମାତ୍ର ଅନୁଷ୍ଠାନ ଯାହାକି କର୍ଣ୍ଣ-ନାସା-ଗଳା ରୋଗ ସମ୍ବନ୍ଧୀୟ ଏବଂ ସ୍ୱତନ୍ତ୍ର ଭାବେ ବାକଶ୍ରବଣ ପ୍ରଶିକ୍ଷଣ, ନିଦାନ ଓ ଉଚ୍ଚ ଗବେଷଣା କାର୍ଯ୍ୟକ୍ରମ ସହ ବର୍ଷର ନିୟମିତ ବ୍ୟବଧାନରେ ବିଭିନ୍ନ ନିଃଶୁଳ୍କ ସେବା ବ୍ୟବସ୍ଥା ଜାରି ରଖିଥାଏ। ଚଳିତ ବର୍ଷର ଶିବିରକୁ ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ କାଞ୍ଚନବାଳା ବିଶ୍ୱାଳ ଓ ଅଡ଼ିଓଲୋଜିଷ୍ଟ ଶୁଭଶ୍ରୀ ମହାନ୍ତି ପରିଚାଳନା କରିବେ। ସୂଚନାଥାଉକି ମୋବାଇଲ ଓ ବ୍ଲୁଟୁଥର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ। ଏଠାରେ ସୂଚାଇ ପାରୁକି ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା। ପ୍ରତି ବର୍ଷ ପରି ଚଳିତ ବର୍ଷର ଯେଉଁ ସ୍ଲୋଗାନଟି ରହିଛି ତାହା ହେଉଛି ''ମାନସିକତା ପରିବର୍ତ୍ତନ : ସମସ୍ତଙ୍କ ପାଇଁ କାନ ଏବଂ ଶ୍ରବଣ ଯତ୍ନକୁ ବାସ୍ତବତାରେ ପରିଣତ କରିବାକୁ ନିଜକୁ ସଶକ୍ତ କର।'' ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ। ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।

*ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ',*
*ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼,*
*ମଙ୍ଗଳାବାଗ, କଟକ*

# ହିମସ୍ଖଳନର ଚେତାବନୀ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ନିକଟରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ହିମଶୃଙ୍ଗ (ଗ୍ଲାସିୟର) ଗୁଡିକ ପ୍ରକୃତିର ବିବର୍ତନ ଯୋଗୁଁ ଦ୍ରୁତ ବେଗରେ ତରଳିବାରେ ଲାଗିଛି। ୨୦୦୦ରୁ ୨୦୧୧ ମଧ୍ୟରେ ଯେଉଁ ପରିମାଣର ହିମଶୃଙ୍ଗଗୁଡିକ ତରଳିଥିଲା, ତାଠାରୁ ୩୬ପ୍ରତିଶତ ବରଫ ୨୦୧୧ରୁ ୨୦୨୩ ମଧ୍ୟରେ ତରଳିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ବିଭିନ୍ନ ଅଂଚଳରେ ବରଫର କ୍ଷତି ମଧ୍ୟରେ ବହୁ ଭିନ୍ନ ଧରଣର ରହିଛି। ୟୁରୋପିୟାନ ରେଂଚଗୁଡିକରେ କ୍ଷତି ସର୍ବାଧିକ ହୋଇଥିବାବେଳେ ହିମଶୃଙ୍ଗଗୁଡିକରେ ଅଧିକମାତ୍ରାରେ ବରଫ ତରଳି କ୍ଷତି ଘଟିଛି। ଗତ ବର୍ଷ ଇଂଟରନ୍ୟାସନାଲ ସେଂଟର ଫର ଇଂଟିଗ୍ରେଟେଡ ମାଉଂଟେନ ଡେଭଲଅପ୍‌ମେଂଟ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଏସିଆ ମହାଦେଶରେ ଦୁଇଟି ରେଞ୍ଜରେ ଗ୍ଲାସିୟର ତରଳିବା ଫଳରେ ବ୍ୟାପକ ମାତ୍ରାରେ ବରଫ ତରଳି କ୍ଷତି ଘଟିଛି। ଯେଉଁ ଗ୍ଲାସିୟରରୁ ଗଙ୍ଗା, ବ୍ରହ୍ମପୁତ୍ର ସମେତ ୧୦ଟି ବଡ ବଡ ନଦୀ ପ୍ରବାହିତ ହେବା ସହ ଚୀରସ୍ରୋତା ନଦୀର ପରିଚୟ ବହନ କରି ଆସୁଥିଲା। ହିମାଳୟରୁ ସୃଷ୍ଟି ହୋଇଥିବା ଉତର ଭାରତରେ ପ୍ରବାହିତ ନଦୀ ସମୂହ ହିମଖଣ୍ଡ ତରଳି ବ୍ୟାପକ କ୍ଷତି ଘଟିଥିବାରୁ ଏବେ ସେଗୁଡିକୁ ଶୁଖି ଯାଇଥିବାର ଏହି ନଦୀଗୁଡିକ ବିପନ୍ନସ୍ଥିତିରେ ପହଁଚିଛନ୍ତି। ଗଙ୍ଗୋତ୍ରୀ, ଯବୁନୋତ୍ରୀ, କୈଳାଶ ମାନସରୋବର ସମେତ ହିମାଳୟର ଅଧିକାଂଶ ତୁଷାର ସ୍ରୋତ ଏବେ ନିଜର ସ୍ଥିତି ହରାଇଥିବାରୁ ସେଥିରୁ ଉତ୍ପନ୍ନ ହୋଇଥିବା ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ସିନ୍ଧୁ ଆଦି ନଦୀର ଜଳ ଉତ୍ସ ବିପଦଜନକ ଭାବେ ହ୍ରାସ ପାଇବାରେ ଲାଗିଥିବାରୁ ଭବିଷ୍ୟତରେ ଶୁଖିଲା ପଡିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏହା ନିସନ୍ଦେହ ଯେ, ବୈଶିକ ତାପମାତ୍ରା ବୃଦ୍ଧିର ପ୍ରଭାବ ଏବେ ହିମଖଣ୍ଡ ଉପରେ ପଡିଛି, ଉତରଖଣ୍ଡରେ ଚାମେଲି ଜିଲ୍ଲାରେ ଏକ ବିଶାଳ ହିମସ୍ଖଳନ ତରଳିବା ଯୋଗୁଁ ସେଠାରେ କାର୍ଯ୍ୟରତ ୪୭ଜଣ ଶ୍ରମିକ ବରଫ ତଳେ ଚାପି ହୋଇରହିଛି ବା ଏହାର ଆଉ ଏକ ଜ୍ୱଳନ୍ତ ଉଦାହରଣ। ଏହିପରି ବହୁବାର ହିମାଳୟରେ ଆକସ୍ମିକ ହିମସ୍ଖଳନ ଘଟି ଉତରାଖଣ୍ଡରେ ପ୍ରାକୃତିକ ବିପର୍ଯ୍ୟାୟକରଣ ହୋଇଛି। କେବଳ ଉତରାଖଣ୍ଡରେ ନୁହେଁ, ବିଶ୍ୱର ବିଭିନ୍ନ ଅଂଚଳରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ଯୋଗୁଁ ବରଫ ତରଳି ସମୁଦ୍ରରେ ମିଶୁଛି। ଯାହାର ପରିଣତି ସ୍ୱରୁପ ସମୁଦ୍ରର ଜଳପତନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସମୁଦ୍ରରେ ଜଳପତନ ବୃଦ୍ଧି ଯୋଗୁଁ ସ୍ଥଳଭାଗକୁ ଜଳ ମାଡି ଆସି ବିଶ୍ୱର ବହୁ ସମୁଦ୍ରକୂଳିଆ ସହର ଜଳପ୍ଲାବିତ କରିଦେବ ବୋଲି ବହୁ ବୈଜ୍ଞାନିକ ଚେତାବନୀ ଦେଇ ସାରିଲେଣି। ଗ୍ଲାସିୟର ସୁରକ୍ଷା ଏବଂ ଜଳବାୟୁ ପରିବର୍ତନ ତଥା ବିଶ୍ୱ ତାପମାତ୍ରା ବୃଦ୍ଧିର କୁପ୍ରଭାବ ତଥା ଚେତାବନୀକୁ ନିୟନ୍ତ୍ରଣ କରିବା ପାଇଁ କେବଳ ଭାରତ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମିଳିତ ଉଦ୍ୟମ ଆବଶ୍ୟକ କରେ। ବିଶ୍ୱ ଜଳବାୟୁପରିବର୍ତନର ମୁକାବିଲା ପାଇଁ ବୈଶିକ ଚୁକ୍ତିନାମାରୁ ରାଷ୍ଟ୍ରପତି ଡୋନାଲଟ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ଓହରି ଯିବା ସତ୍ୱେ ଆନ୍ତର୍ଜାତିକ ସମୁଦାୟ ପ୍ରୟାସକୁ ତ୍ୱରାନ୍ୱିତ କରିବା ଜରୁରୀ। ବିଶେଷ କରି ବିକଶିତ ରାଷ୍ଟ୍ର, ତୈଳ କମ୍ପାନୀ, ଏବଂ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ପ୍ରୟାସ କରି ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ହ୍ରାସ କରିବା ଲାଗି ବର୍ତମାନଠାରୁ ପ୍ରୟାସ କରିବା ଆରମ୍ଭ କଲେ ସମଗ୍ର ବିଶ୍ୱ ପାଇଁ ଶୁଭଙ୍କର ହେବ, ବୋଧ ହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତନ ତଥା ବିଶ୍ୱତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ରୀଷ୍ମ, ବର୍ଷା, ଶୀତରେ ଅନିୟମିତା, ଅଚାନକ ପାଗ ପରିବର୍ତନ ଘଟିବାରେ ଲାଗିଛି। ଯାହାର ପ୍ରଭାବରେ ବର୍ଷା, ବନ୍ୟା, ମରୁଡି, ସାମୁଦ୍ରିକ ବାତ୍ୟା ବାରମ୍ବାର ଲାଗି ରହିଛି। ଯାହା ବିଶ୍ୱର ବିଭିନ୍ନ କୋଣ-ଅନୁକୋଣରେ ଘଟୁଛି। ଆହୁରି ମଧ୍ୟ ଗୋଟିଏ ପଟେ ସମୁଦ୍ରର ଜଳପତନ ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ନଦୀ, ନାଳରେ ଓ ଜଳସ୍ରୋତ ଶୁଖିଯାଉଛି। ଏବେ ଖରାଦିନ ହୋଇଥିବାବେଳେ ନଦୀଗୁଡିକ ଶୁଖିଲା ପଡିଲାଣି। ଏହି ପ୍ରକ୍ରୀୟା ଯଦି ଲାଗି ରହେ, ତେବେ ବିଶ୍ୱରେ ପାନୀୟ ଜଳ ସଂକଟ ଉତ୍କଟ ହେବ। ଏହା ନିଶ୍ଚିତ ଯେ, ଜଳବାୟୁ ପରିବର୍ତନର ପ୍ରଭାବ, ଏବେ ଆମେ ଅଙ୍ଗେ ଲିଭାଇ ସାରିଲୁଣି। ପରିବେଶ ଓ ପ୍ରକୃତିରେ ପରିବର୍ତନ ଘଟୁଛି। ବିଶ୍ୱ ପାଇଁ ଏବେ ସଂକଟ ମାଡି ଆସୁଛି। ଏହାକୁ ମୁକାବିଲା କରିବା ପାଇଁ ଜରୁରୀ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟଥା ଧ୍ୱଂସକୁ କେହି ରୋକିପାରିବେ ନାହିଁ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*

# ରାସ୍ତା ରୋକ, ଅଧିକାର ଓ କର୍ତ୍ତବ୍ୟ



ଭାସ୍କର ବାରିକ୍

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ହକ୍ ପାଇଁ ଲଢ଼ିବାର , ଶୋଷଣ ଅନ୍ୟାୟ ଅତ୍ୟାଚ଼ାର ବ୍ୟଭିଚ଼ାର ବିରୋଧରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍‌ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ଶାସନ ବ୍ୟବସ୍ଥା ଓ ପ୍ରଶାସନକୁ ଚେତେଇବା ପାଇଁ, କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠେଇବା ପାଇଁ ଆବଶ୍ୟକତା ଅଛି ଢୋଲ ପିଟିବାର, କୋଳାହଳ କରିବାର । ଭାରତର ସମ୍ବିଧାନ ଆମ ସମସ୍ତଙ୍କୁ ଏ ଅଧିକାର ଦେଇଛି । କିନ୍ତୁ ଅଧିକାର ସାବ୍ୟସ୍ତ କରିବା ନାମରେ ଉଦ୍ଭ୍ରାନ୍ତ ହୋଇ ମାରପିଟ୍ କରିବା, ସର୍ବ ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତା ଅବରୋଧ କରିବା, ରେଳପଥ ଅବରୋଧ କରିବା,ପୋଡ଼ାଜଳା କରିବା, ସରକାରୀ ସମ୍ପତ୍ତିକୁ ଭାଙ୍ଗିରୁଜି ଚୁରୁମାର କରିବା ଅଧିକାର କାହାର ନାହିଁ । ଯେଉଁ ସମ୍ପତ୍ତି ନଷ୍ଟ ହେଉଛି ଆନ୍‌ଦୋଳନ ସମୟରେ ତାହା ଆମରି ଟଙ୍କାରେ ତିଆରି ହୋଇଛି । ଅର୍ଥାତ୍ ଆମେ ନିଜେ ନିଜ ଦେଶର ସମ୍ପତ୍ତିକୁ ନଷ୍ଟ କରୁଛୁ । ଅଧିକାର ପାଇଁ ଲଢେଇ କରିବା ବେଳେ ନିଜର କର୍ତ୍ତବ୍ୟକୁ ଭୁଲିଯିବା ଓ ମାନବୀୟ ଗୁଣକୁ ପାଦତଳେ ଦଳି ଦେବା ଆଦୌ ଗ୍ରହଣୀୟ ନୁହେଁ । ଯେଉଁ ସମ୍ବିଧାନ ଅଧିକାର ଦେଇଛି, ସେହି ସମ୍ବିଧାନ ନାଗରିକ ମାନଙ୍କର କର୍ତ୍ତବ୍ୟ ପରାୟଣତା ବିଷୟରେ ବି କହିଛି । କିନ୍ତୁ ଦୁଃଖର ବିଷୟ ଏଇଆ ଯେ ଆମେ ନିଜର ଅଧିକାର ବିଷୟରେ ଯେତେ ସଚେତନ ଓ ଜାଗ୍ରତ, ସେହି ତୁଳନାରେ ଆମେ ଆମର କର୍ତ୍ତବ୍ୟ ପରାୟଣତା ପ୍ରତି ସେତେଟା ଗୁରୁତ୍ୱ ଦେଉ ନାହୁଁ । ଭୁଲି ଯାଉଛୁ ଅଧିକାର ଓ କର୍ତ୍ତବ୍ୟ ଅଙ୍ଗାଙ୍ଗୀ ଭାବରେ ଜଡିତ । ଠିକ୍ ଭାବରେ କର୍ତ୍ତବ୍ୟ ନକଲେ, ଅଧିକାର ବି କେତେବେଳେ ଅପହୃତ ହୋଇପାରେ । ଏ ଦେଶକୁ ଶହ ଶହ ବର୍ଷ ଧରି ବିଭନ୍ନ ସମୟରେ ବିଦେଶୀ ମାନେ ଶାସନ କରିଛନ୍ତି । ଐତିହାସିକ ମଠ ମନ୍ଦିର,ଗୁରୁଦ୍ୱାର ଭଳି ଆମର ପବିତ୍ର ପୀଠ ସ୍ଥଳୀକୁ ଭାଙ୍ଗିରୁଜି ଚୁରୁମାର କରିଛନ୍ତି, ବାରମ୍ବାର ଲୁଣ୍ଠନ କରିଛନ୍ତି ସୁନାର ପକ୍ଷୀ ଭାରତବର୍ଷକୁ । ଆମ ଆସ୍ଥା ବିଶ୍ୱାସକୁ ପଦାଘାତ କରିଛନ୍ତି । ଅମୂଲ୍ୟ ଜ୍ଞାନର ଭଣ୍ଡାର ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ଅଗ୍ନିରେ ଆହୁତି ଦେଇଛନ୍ତି। ଆମ ଝିଅ ବୋହୁଙ୍କ ଇଜ୍ଜତକୁ ନିଲାମ କରିଛନ୍ତି । ମାରଣାସ୍ତ୍ର ଓ ମୃତ୍ୟୁର ଭୟ ଦେଖେଇ ଲକ୍ଷ ଲକ୍ଷ ଲୋକଙ୍କର ଧର୍ମ ପରିବର୍ତ୍ତନ କରିଛନ୍ତି । ଏସବୁ ଘଟଣା ପଛରେ କାରଣ ହେଲା ସେତେବେଳେ ଆମେ ଏକ ମନ ଏକ ପ୍ରାଣରେ ଆମର କର୍ତ୍ତବ୍ୟ ଓ କର୍ମ ସଠିକ୍ ଭାବରେ ସମ୍ପାଦନ କରି ନାହୁଁ ଯାହାର ଫାଇଦା ନେଇଛନ୍ତି ଅସଭ୍ୟ ବର୍ବର ଆକ୍ରମଣକାରୀ । ଯେଉଁମାନେ ବି ଏ ପବିତ୍ର ମାଟି ପାଇଁ ଲଢ଼ିଛନ୍ତି, ସେମାନଙ୍କୁ ବିଦେଶୀ ଶକ୍ତି ହାତରେ ଧରେଇ ଦେଇ ବେଇମାନର ପରିଚ଼ୟ ଦେଇଛୁ । ଦେଶ ବିରୋଧରେ ଯାଇ ବିଦେଶୀ ବର୍ବର ମାନଙ୍କ ହାତରୁ ପୁରସ୍କାର ପ୍ରାପ୍ତ ହୋଇ ନିଜର ପାରିବା ପଣିଆରେ ଛାତି ଫୁଲେଇ ଠୋ ଠୋ ହସିଛୁ । ଆମେ ସେତେବେଳେ ଯଦି ଏକ ହୋଇ ନିଜର ତଥା ଦେଶର ସୁରକ୍ଷା ପାଇଁ ବିବେକ କଥାରେ ପରିଚ଼ାଳିତ ହୋଇ ନିଜର କର୍ତ୍ତବ୍ୟ ସୂଚ଼ାରୁରୂପେ ପାଳନ କରିଥାନ୍ତେ, ତାହେଲେ କୋ ?ଣସି ବିଦେଶୀ ଶକ୍ତି ଆମକୁ ହରେଇ ପାରି ନଥାନ୍ତା କି ଆମକୁ ଅକଥନୀୟ ନିର୍ଯାତନାର ଶିକାର ହେବାକୁ ପଡ଼ି ନଥାନ୍ତା । ଭୁଲ୍ କଲେ, ସେଥିପାଇଁ ନିଜର ଅଧିକାର ହରେଇବା ସହିତ ପରାଧିନତାର ବେଡ଼ିରେ ସନ୍ତୁଳି ହେଲେ ଶହ ଶହ ବର୍ଷ ଧରି । ହଁ, ଆଉ ଗୋଟିଏ କଥା, ଆମ ସମାଜରେ କେତେକ ଲୋକ ଅଛନ୍ତି, ସେମାନେ ସମସ୍ତଙ୍କ ପାଇଁ ଥିବା ସୁବିଧା ସୁଯୋଗ ଗୁଡ଼ିକ ଏକଚ଼ାଟିଆ ଉପଭୋଗ କରିପକାନ୍ତି। ଯଥା: ବଜାର, ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନ ସମ୍ମୁଖସ୍ଥ ରାସ୍ତାରେ କର୍ତ୍ତବ୍ୟ ସଚେତନତା ରହିତ ଲୋକଙ୍କୁ ଆପଣ ପ୍ରାୟତଃ ଦେଖୁଥିବେ। ରାସ୍ତା ଉପରେ ଗାଡ଼ି ରଖିଦେଇ ସେଠାରୁ ପଳେଇବା ଏବଂ ଘଣ୍ଟା ଘଣ୍ଟା ଧରି ସେ ସ୍ଥାନକୁ ନ ଫେରିବା। ରାସ୍ତାରେ କ୍ରମେ କ୍ରମେ ଦୁଇ ଚ଼କିଆ, ତିନି ଚ଼କିଆ ଏବଂ ଚ଼ାରି ଚ଼କିଆ ଇତ୍ୟାଦି ଯିବାକୁ ଯଥେଷ୍ଟ ମାତ୍ରାରେ ଫାଙ୍କା ସ୍ଥାନ ନ ପାଇ ଅଟକି ରହନ୍ତି। ଜନସାଧାରଣ ଏବଂ ପ୍ରଶାସନ, ଉଭୟେ ଏଥିପାଇଁ ଦୋକାନୀ ମାନଙ୍କ ବିରୁଦ୍ଧରେ ଗ୍ରାହକମାନଙ୍କ ଗାଡ଼ି ପାର୍କିଂ ପାଇଁ ସ୍ଥାନ ରଖିନଥିବାର ଅଭିଯୋଗ କରନ୍ତି। ଏ ପ୍ରକାର ଅବ୍ୟବସ୍ଥା ପାଇଁ ପ୍ରକୃତରେ କିଏ ଦାୟୀ ତାହା ଆପଣମାନେ ଜାଣିପାରୁଥିବେ। କିନ୍ତୁ ତାଙ୍କ ଭୁଲ୍ ତାଙ୍କୁ ସୁଚ଼ାଇଲେ ଓଲଟା ଫଳାଫଳ ମିଳେ। ଗାଡିଟା ଯଦି ଗୁଣ୍ଡା ବଦମାସ ଲୋକଟିର ହୋଇଥାଏ, ତେବେ ଆଲୋ ସଖୀ, ଆପଣା ମହତ ଆପେ ରଖି ନ୍ୟାୟରେ ଆପଣଙ୍କୁ ଚୁପ ରହିବାକୁ ପଡ଼ ?। ନଚେତ ଆପଣ ଶୁଣିବେ କର୍କଶ ଅଭଦ୍ରାମି ସମ୍ବଳିତ ଗାଳି। ଶେଷରେ ଏ କଥା ମଧ୍ୟ କହିବେ, ରାସ୍ତା ଉପରେ ଗାଡ଼ି ରଖିଲେ ତୋର କଣ ହେଲା । ରାସ୍ତା କଣ ତୋ ବୋପାର ? ମୁଁ ଉଠେଇବି ନାହିଁ, ଯା, କଣ ମୋର ଛିଣ୍ଡେଇବୁ । ଏତିକି କହିଦେଇ ସନ୍ତୁଷ୍ଟ ହେବେ ନାହିଁ। ଦି ଚ଼ାରି ଜଣ ସାଙ୍ଗ, ଯିଏ କି ଅସାମାଜିକ ଗୁଣ୍ଡା , ସେମାନଙ୍କୁ ସେଇ ସ୍ଥାନକୁ ଡକେଇ ଅଧିକ ଗୁଣ୍ଡାମି କରିବେ। ରାସ୍ତା ଉପରେ ଗୋଟିଏ ନୁହେଁ, ପାଞ୍ଚ ଛଅଟା ଗାଡ଼ି ଅନିୟମିତ ଭାବେ ରଖିଦେଇ ଆପଣଙ୍କୁ ଚ଼ିଡାଇବେ। ଏ ସବୁ କଣ ସେମାନଙ୍କର ଅଧିକାର ? ନା ସେମାନେ ଅନ୍ୟମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନ ? ଇଏ ଦିଇଟା କଥାରୁ ଗୋଟାଏ ବି ନୁହେଁ । ଆଉ କିଛି ଲୋକ ଅଛନ୍ତି, ରାସ୍ତାକୁ ଅଧାରୁ ଅଧିକ କଉରେ କରି ବାଲି,ଚ଼ିପ୍ସ ଇତ୍ୟାଦି ରଖିଥିବେ ସତେ ଯେମିତି ସର୍ବସାଧାରଣ ରାସ୍ତା ସେମାନଙ୍କର ପୈତୃକ ସଂପତ୍ତି । ଯଦି କେହି ଏକଥାକୁ ବିରୋଧ କଲା, ନିଜ ଭୁଲ୍ ସ୍ୱୀକାର କରିବା ବଦଳରେ ଆରମ୍ଭ କରନ୍ତି ଅଯଥା ଝଗଡ଼ା । ବେଳେ ବେଳେ ବି ହାତାହାତି ଓ ବାଡିଆ ପିଟା ପର୍ଯ୍ୟନ୍ତ କଥା ଯାଏ । ଏତେସବୁ କହିବା ପଛରେ ଏଇ ଅଳ୍ପଦିନ ତଳେ ଏକ ବିଶେଷ ଅଙ୍ଗେ ନିଭାଇଥିବା ଘଟଣା ,ରାସ୍ତା ରୋକ, ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ କେଇ ଧାଡ଼ି ଲେଖିବାକୁ ମୋ କଲମ ମୋତେ ବାଧ୍ୟ କରିଛି ଯାହା ଆପଣମାନଙ୍କ ସଦୟ ଅବଗତି ନିମନ୍ତେ ମୁଁ ସେହି ଘଟଣାଟିକୁ ବର୍ଣନା କରୁଛି ।

ଖାଦ୍ୟ ବସ୍ତ୍ର ବାସଗୃହ ଜଣେ ବ୍ୟକ୍ତିର ଜିଇଁବା ପାଇଁ ସର୍ବନିମ୍ନ ଆବଶ୍ୟକତା । ଖାଦ୍ୟ ଭିତରେ ପାଣିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ଜଳ ନାହିଁ ତ ଜୀବନ ନାହିଁ । ସେଥିପାଇଁ କୁହାଯାଏ ଜଳ ହିଁ ଜୀବନ । ଜ୍ୟେଷ୍ଠ ମାସର ପ୍ରଚ଼ଣ୍ଡ ଖରାରେ ବାହାର କାମ ସାରି ଘରକୁ ଫେରିଲେ ଗୋଟେ ଶୀତଳ ପାଣି ଗ୍ଲାସ୍ କେତେ ଶାନ୍ତି ଦିଏ ପ୍ରାଣକୁ, ତାହା ଆମେ ସମସ୍ତେ ଅନୁଭବ କରିଛନ୍ତି । କିନ୍ତୁ ଯଦି ସାଧାରଣ ଜନତା ଏହି ଜଳରୁ ବଂଚ଼ିତ ହୁଅନ୍ତି, ତେବେ ପ୍ରଚ଼ଣ୍ଡ ରୌଦ୍ରତାପକୁ ଖାତିରି ନକରି ନିଜର ଆବଶ୍ୟକତା ଓ ହକ୍ ପାଇଁ ରାସ୍ତା ଉପରକୁ ଓହ୍ଲେଇ ଆସିବାକୁ ବାଧ ହୁଅନ୍ତି । ସେଦିନ ସେମିତି କିଛି ଘଟଣା ଘଟିଥିଲା ଯାହା ମୁଁ ଦେଖିଲି ସକାଳେ କାମ କରୁଥିବା କାର୍ଯ୍ୟାଳୟକୁ ଯିବା ବାଟରେ । ପାଖାପାଖି ଶହେ ଉଭୟ ସ୍ତ୍ରୀ ପୁରୁଷ ଓ କିଛି ଛୋଟ ଛୋଟ ପିଲା ରାସ୍ତା ଅବରୋଧ କରିଛନ୍ତି । ରାସ୍ତା ଉପରେ ଶହ ଶହ ମାଠିଆ ରଖି ଠିଆ ହୋଇଛନ୍ତି । ସେମାନଙ୍କର ଅଭିଯୋଗ ତାଙ୍କ ଗାଁରେ ପାନୀୟ ଜଳର ଉତ୍କଟ ଅଭାବ । ଏହି ଗ୍ରୀଷ୍ମ ଋତୁରେ ସେମାନେ ଜଳ କଷ୍ଟ ଭୋଗୁଛନ୍ତି । ସ୍ଥାନୀୟ ଲୋକ ପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ କଳରେ ଥିବା ବାବୁ ମାନଙ୍କୁ ଅନେକ ଥର ଏହି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଛନ୍ତି କିନ୍ତୁ ସମସ୍ୟାର ସମାଧାନ ହେଇ ପାରୁନି । ଖାଲି ଆଶ୍ୱାସନା ଓ ପ୍ରତିଶ୍ରୁତିରେ ସୀମିତ ରହିଛି ସେମାନଙ୍କର ସମସ୍ୟା । ସେଥିପାଇଁ ସେମାନେ ରାସ୍ତା ଅବରୋଧ କରିଛନ୍ତି । ସେମାନଙ୍କର ବିଶ୍ୱାସ ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧି ସେମାନଙ୍କ ପାଖକୁ ଆସିବେ ସମସ୍ୟାର ସମାଧାନ ପାଇଁ । ନିଜର ସର୍ବନିମ୍ନ ଆବଶ୍ୟକତାରୁ ସ୍ୱାଧୀନତାର ଅନେକ ଦଶନ୍ଧି ପରେ ବି ସାଧାରଣ ଜନତା ଯଦି ବଂଚ଼ିତ ହୁଅନ୍ତି , ସେମାନେ ଆନ୍‌ଦୋଳନ କରିବେ, ରାସ୍ତା ରୋକ କରିବେ ନିଜର ଅଧିକାର ପାଇଁ । ଜନ ପ୍ରତିନିଧି ଓ ପ୍ରଶାସନ ନିଜର କର୍ତ୍ତବ୍ୟକୁ ସୁଚ଼ାରୁରୂପେ ପାଳନ କରି ନାହାଁନ୍ତି । ଯଦି ସେହି ଗରିବ ଗାଉଁଲି ମଣିଷ ମାନଙ୍କର ସମସ୍ୟାର ସମାଧାନର ଦାବି ଉପରେ ଗୁରୁତ୍ୱ ଦେଇ ବିଚ଼ାର କରା ଯାଇଥାନ୍ତା , ତାହେଲେ ଆଜି ରାସ୍ତା ଉପରେ ଶହ ଶହ ଲୋକ ଆନ୍‌ଦୋଳନ କରି ନଥାନ୍ତେ ରାସ୍ତା ଉପରେ ଖରାରେ ଠିଆହୋଇ । ସେମାନଙ୍କର ରାସ୍ତା ରୋକ ପାଇଁ ମୋ ଭଳି ଅନେକ ଲୋକ ନିଜର କାର୍ଯ୍ୟାଳୟକୁ ଯାଇ ନପାରି ଅଧାରେ ଅଟକି ରହିଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ିର ଭିଡ଼ । ନିଜ ନିଜର କାମଧନ୍ଦାରେ ସକାଳୁ ଘରୁ ବାହାରିଥିବା ଲୋକ ହୀନସ୍ତା ହେଉଛନ୍ତି । ସମସ୍ତଙ୍କ ସହିତ ଏ ଅଧମ ବି ଚୁପଚ଼ାପ୍ ଗାଡ଼ି ରଖି ଠିଆହୋଇ ରହିଥାଏ । ମୁଣ୍ଡ ଭିତରେ ଗୋଟିଏ ଚ଼ିନ୍ତା ବାରମ୍ବାର ଘାରୁଥାଏ କେତେବେଳେ ରାସ୍ତା ରୋକ ହଟିବ ଆଉ ମୁଁ ଅଫିସ୍ ଯିବି । ଘରୁ ସକାଳେ ବାହାରିଥିଲି, ଅଫିସ୍ କାମ ସାରି ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ଭୁବନେଶ୍ୱର ଯିବି ଏକ ଅତ୍ୟନ୍ତ ଜରୁରୀ ମେଡିକାଲ କାମରେ । ମୋ ଶାଶୁଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ଡ଼ାକ୍ତରଖାନାରେ ଆଣ୍ଠୁ ଅପରେସନ ପାଇଁ ଆଡ଼ମିଶନ କରି ଆସିଥିଲି ଦୁଇଦିନ ତଳେ । ତାଙ୍କ ପାଖରେ ମୋ ସ୍ତ୍ରୀ ଅଛନ୍ତି । ଶଶୁରଙ୍କ ଦେହାନ୍ତ ପରେ ତାଙ୍କର ଆଉ କେହି ନାହାଁନ୍ତି । ତାଙ୍କର ଏକମାତ୍ର ଝିଅକୁ ମୁଁ ବିବାହ କରିଥିବାରୁ ବୃଦ୍ଧା ଅବସ୍ଥାରେ ତାଙ୍କର ଦାୟିତ୍ୱ ନେବା ମୋର କର୍ତ୍ତବ୍ୟ । ସକାଳେ ମୋ ଧର୍ମପତ୍ନୀ ମୋତେ ଫୋନ୍ କରି କହିଲେ ଆସନ୍ତା କାଲି ମାଆର ଅପରେସନ ହେବ । ଡାକ୍ତର କହିଛନ୍ତି ଗୋଟେ ୟୁନିଟ୍ ରକ୍ତ ଯୋଗାଡ଼ କରିବାକୁ । ମୋ ମୁଣ୍ଡରେ ଚ଼ିନ୍ତା କେତେବେଳେ ଅଫିସ୍ ଯିବି, ଅଫିସ୍ କାମ ସାରି ଭୁବନେଶ୍ୱର ଯିବି, ଅପରେସନ ପାଇଁ ଆବଶ୍ୟକ ଟଙ୍କା ଡିପୋଜିଟ କରି ଗୋଟେ ୟୁନିଟ୍ ରକ୍ତ ଦେଇ ପୁଣି ରାତିରେ ଘରକୁ ଫେରି ପରଦିନ ଅଫିସ୍ କରିବି ଯେହେତୁ ଅଫିସ୍ ରେ ଜରୁରୀ କାମ ଅଛି । କାମ କରୁଥିବା କାର୍ଯ୍ୟାଳୟରୁ ଭୁବନେଶ୍ୱରର ଦୂରତା ପାଖାପାଖି ଦୁଇଶହ କିଲୋମିଟର । ବ୍ୟକ୍ତିଗତ ଭାବରେ ନିଜେ ଗାଡ଼ି ନେଇ ଗଲେ ମିନିମମ ତିନି ଘଣ୍ଟାର ରାସ୍ତା । ଭାରି ବ୍ୟସ୍ତ ବିବ୍ରତ ଲାଗୁଥାଏ । ରାସ୍ତା ରୋକ କରିଥିବା କିଛି ଲୋକଙ୍କୁ ମୋର ସମସ୍ୟା ବିଷୟରେ କହିଲି କିନ୍ତୁ ସେମାନଙ୍କ ଉତ୍ତର ଥିଲା,ଆଗ ସେମାନଙ୍କ ସମସ୍ୟାର ସମାଧାନ ହେବ, ତା'ପରେ ରାସ୍ତା ରୋକ ହଟିବ । ଏହାରି ଭିତରେ ଦୁଇ ଘଣ୍ଟାରୁ ଅଧିକ ସମୟ ବିତି ଗଲାଣି । ସମୟ ଯେତେ ଅତିକ୍ରାନ୍ତ ହେଉଥାଏ,ମୋ ମନରେ ଆମ ବ୍ୟବସ୍ଥା,ଶାସନ ଓ ପ୍ରଶାସନ ଉପରେ ଭୀଷଣ କ୍ରୋଧ ଆସୁଥାଏ କିନ୍ତୁ କିଛି କରିବାର ଉପାୟ ନଥାଏ । ଦୁଇ ଘଣ୍ଟା ପରେ ଗୋଟେ ପୁଲିସ୍ ଗାଡ଼ି ଆସିଲା । ପରେ ପରେ କିଛି ପଦସ୍ଥ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଆସିଲେ ଘଟଣା ସ୍ଥଳକୁ । ଲୋକଙ୍କୁ ପ୍ରତିଶ୍ରୁତି ଦେଲେ ଯେପର୍ଯ୍ୟନ୍ତ ସେହି ଗାଁରେ ଜଳ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇନାହିଁ, ସେମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ । କଥା କଟାକଟି, ଯୁକ୍ତିତର୍କ ଓ ସମାଧାନର ବାଟ ବାହାରିବା ପରେ ରାସ୍ତା ରୋକ ହଟିଲା । ରାସ୍ତା ରୋକ, ଆନ୍‌ଦୋଳନ ସମୟରେ ଗୁଣ୍ଡାଗର୍‌ଦି, ଭଙ୍ଗାରୁଜା, ହିଂସାକାଣ୍ଡ ଇତ୍ୟାଦି ଘଟିବାର ଅସଂଖ୍ୟ ଉଦାହରଣ ଆମେ ସମସ୍ତେ ଦେଖିଛନ୍ତି । ସେଦିନ କିନ୍ତୁ ଗୋଟିଏ କଥା ମୋ ନଜରକୁ ଆସିଲା ଯେ ରାସ୍ତା ରୋକ କରିଥିବା ଗାଁ ଲୋକ କେହି ହିଂସାକାଣ୍ଡ ଭିଆଇ ନଥିଲେ । ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ରାସ୍ତା ଅବରୋଧ କରିଥିଲେ । ସେମାନେ ଗରୀବ ଗ୍ରାମବାସୀ ଥିଲେ। ବୋଧହୁଏ ସେମାନେ ବୁଝିଥିଲେ ଲୋକଙ୍କୁ ଆକ୍ରମଣ କରିବା, ଗାଡିଘୋଡା ଭଙ୍ଗାରୁଜା ଭଳି ହିଂସାକାଣ୍ଡ କରିବା ଆଇନ୍ ବିରୁଦ୍ଧ । ଏହି କଥାଟି ଯଦି ସମସ୍ତେ ବୁଝନ୍ତେ ଦେଶର କୋଟିକୋଟି ଟଂକା ଆଉ ଆନ୍‌ଦୋଳନ ନାମରେ ବରବାଦ ହୁଅନ୍ତା ନାହିଁ । ବିଶେଷକରି ରାଜନୈତିକ ଆନ୍‌ଦୋଳନ ସମୟରେ ଯେଉଁମାନେ ନେତୃତ୍ୱ ନେଇ ଲୋକ ଠୁଳ କରି ନିଜର କ୍ରୋଧକୁ ରୋକି ନପାରି ଅହଂଙ୍କାରର ବଶବର୍ତ୍ତୀ ହୋଇ ଦେଶର ସମ୍ପତ୍ତି ନଷ୍ଟ କରୁଛନ୍ତି , ସେମାନେ ବୁଝିବା ଦରକାର ସେମାନେ ନିଜର ସମ୍ପତ୍ତି ନଷ୍ଟ କରିବା ସହିତ ନିଜ କର୍ତ୍ତବ୍ୟ ପ୍ରତି ସଂପୂର୍ଣ୍ଣ ଆଖି ବୁଜି ଦେଉଛନ୍ତି । ହଁ ଆଉ ଗୋଟିଏ କଥା ଧର୍ମର ଦ୍ୱାହି ଉପରବାଲାଙ୍କୁ ଡାକିବା ନାମରେ ଯେଉଁମାନେ ଯେଉଁଠି ସେଇଠି ବିନା କାରଣରେ ରାସ୍ତା ଅବରୋଧ କରି ବସି ଯାଉଛନ୍ତି, ସେମାନେ ମଣିଷ ତ ? ତମେ ତମ ଇଶ୍ୱରଙ୍କୁ ଡାକିବାକୁ କେହି ବିରୋଧ କରୁ ନାହାଁନ୍ତି , କିନ୍ତୁ ତୁମେ ରାସ୍ତା ମଝିରେ ଲୋକଙ୍କ ଅଧିକାରକୁ ପଦାଘାତ କରି ଆଇନ୍ ବିରୁଦ୍ଧ କାମ କରିବା ସମୀଚ଼ିନ ନୁହେଁ କି ଗ୍ରହଣୀୟ ନୁହେଁ । ଏଇଟା ସଂପୂର୍ଣ୍ଣ ଭୁଲ୍ । ଧର୍ମ ନିରପେକ୍ଷତା ମାନେ କ'ଣ ସମ୍ବିଧାକୁ ବେଖାତିର କରି ହଜାର ହଜାର ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଂଚ଼ିତ କରିବା ? ଧର୍ମ ନାମରେ ଅହଂଙ୍କାରୀ ହୋଇ ଉପରବାଲାଙ୍କୁ ଡାକିବା ନାମରେ ରାସ୍ତା ଅବରୋଧ କରିବା,ଯାତାୟତକୁ ସ୍ଥାଣୁ କରିଦେବା କେଉଁ ମଣିଷ ପଣିଆ ଓ ଅଧିକାର ? ତମ ଘରେ ବସି ଘଣ୍ଟା ଘଣ୍ଟା ଧରି ତୁମ ଆସ୍ଥା ବିଶ୍ୱାସର ଉପରବାଲାଙ୍କୁ ଡାକ, ତୁମକୁ କେହି ବାରଣ କରିବେ ନାହିଁ । ଭୁଲ୍ କଲେ ସାଧାରଣ ଜନତା ଘୋର ବିରୋଧ କରିବେ । ଏଇଟା ମଣିଷ ପଣିଆ କି ଅଧିକାର ନୁହେଁ , ଏଇଟା ମୋ ବୁଝିବାରେ ଅଧର୍ମ ଓ ପୈଶାଚ଼ିକ ପ୍ରବୃତ୍ତି । କିନ୍ତୁ ଏଠାରେ ଏହି ରାସ୍ତା ରୋକ କ୍ଷେତ୍ରରେ ଗରୀବ ନିରିହ ଗ୍ରାମବାସୀ କେବଳ ନିଜର ଆବଶ୍ୟକତା ଓ ଅଧିକାର ପାଇଁ ରାସ୍ତା ରୋକ କରିଥିଲେ । ସେମାନେ ଏହି କାମ ସ୍ଥାନୀୟ ବ୍ଲକ୍ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରିଥିଲେ , ସେମାନଙ୍କ ପାଇଁ ଆଉ କେହି ମୋ ପରି ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗି ନଥାନ୍ତେ । ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଆଉ କାହାର ଅଧିକାର କ୍ଷୁର୍ଣ୍ଣ କରିବା ଉଚ଼ିତ ନୁହେଁ । ଆଉ କାହାର ଅଧିକାର କ୍ଷୁର୍ଣ୍ଣ କରିବା ଅର୍ଥ ନିଜର କର୍ତ୍ତବ୍ୟ ପ୍ରତି ଆଖି ବୁଜି ଦେଇ ଅନ୍ଧ ଧୃତରାଷ୍ଟ୍ର ପରି ଅଭିନୟ କରିବା । ଭାରତର ପ୍ରତ୍ୟେକ ନାଗରିକ ନିଜର ଯଥାର୍ଥ ଯୁକ୍ତିଯୁକ୍ତ ଅଧିକାର ଉପଭୋଗ କରନ୍ତୁ କିନ୍ତୁ ସବୁ ସୀମା ଉଲଂଘନ କରି ଆଇନ୍ କୁ ବେଖାତିର୍ ନ କରନ୍ତୁ । ନିଜର ଅଧିକାର ଉପଭୋଗ କରିବା ସହିତ ଅନ୍ୟମାନଙ୍କୁ ବି ସେମାନଙ୍କ ଅଧିକାର ଉପଭୋଗ କରିବାକୁ ଦିଅନ୍ତୁ । ଭାରତର ସମ୍ବିଧାନ ପରା କୁହେ ନିଜେ ବଂଚ଼ିବା ସହିତ ଅନ୍ୟକୁ ଭଲରେ ବଂଚ଼ିବା ପାଇଁ ସୁଯୋଗ ଦିଅ । ଖାଲି ଅଧିକାର ଅଧିକାର କଥା କହି କର୍ତ୍ତବ୍ୟକୁ ଭୁଲିଗଲେ ସମାଜ ପାଇଁ, ଦେଶ ପାଇଁ ତାହା ହାନିକାରକ ଓ ଅମଙ୍ଗଳ ସୁଚ଼କ ହେବ । ଏକ ଜନ ମଙ୍ଗଳ ରାଷ୍ଟ୍ରରେ ଶାସନ ପ୍ରଶାସନର କର୍ତ୍ତବ୍ୟ ନାଗରିକ ମାନଙ୍କର ଯଥାର୍ଥ ସର୍ବନିମ୍ନ ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା । ଏଥିରେ ବ୍ୟତିକ୍ରମ ହେଲେ, ସମସ୍ୟା ଘନିଭୂତ ହୋଇ ରାସ୍ତା ରୋକ ଓ ଆନ୍‌ଦୋଳନ ପରି ଭୟଙ୍କର ଲଘୁଚ଼ାପର ରୂପ ନେବ ଓ ଅଯଥାରେ ଅଗଣିତ ଲୋକ ଶାରୀରିକ, ମାନସିକ ଓ ଆର୍ଥିକ ଦୃଷ୍ଟିରୁ ଯନ୍ତ୍ରଣା ଭୋଗିବେ ଯାହା ଆମ ସମାଜ ଓ ଦେଶ ପାଇଁ ଆଦୋ ? ଶୁଭଙ୍କର ନୁହେଁ । ମୋର ଅନୁଭବ ହୁଏ ଭାରତର ନାଗରିକ ଭାବରେ ଆମେ ଯଦି ଆମର କର୍ତ୍ତବ୍ୟ ପରାୟଣତା ବିଷୟର ? ଯଥେଷ୍ଟ ସଚେତନ ହେବା, ତାହେଲେ ଆମକୁ ଆମ ଅଧିକାର ପାଇଁ ଆଉ କାହା ପାଖରେ ମୁଣ୍ଡ ନୁଆଇଁ ବାକୁ ପଡିବନି । କର୍ମ ଓ କର୍ତ୍ତବ୍ୟ ଠିକ୍ ଭାବରେ କଲେ, ଅଧିକାରର ମିଠାଫଳ ନିଶ୍ଚିତ ଆମେ ଉପଭୋଗ କରିପାରିବା ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ୱ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ୱର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷୀୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜିବି ମହଲରେ ପ୍ରଶଂସା କରାଯାଇଛି । ସୂଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।

# ମୋ ଓଡ଼ିଶା

## ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

## ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ





ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି





ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାର୍ଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ



ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

